## କେଶନା ଛକରେ ସ୍ୱାଦିଷ୍ଟ ରଜପାନର ପସରା



ଖୁଣ୍ଟିଂ, ୧୬।୬(ସମିସ): ରଜ ଆସିଲେ ସମସ୍ତେ ପାନ ଖଣ୍ଡେ ଖାଇବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । ଯୁବକଙ୍କଠାରୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ଏବଂ କୁଆଁରୀ ଓ ବିବାହିତା ଯୁବତୀ ସମସ୍ତେ ପାନ ଖାଇବାକୁ ପସନ୍ଦ କରନ୍ତି । ରଜପର୍ବ ଆସିଲା ମାତ୍ରେ ଶୁକ୍ଳି ବ୍ଲକର କେଶନା ଛକରେ ଭିଡ ଲାଗିଥାଏ । ଏଠାରେ ବିଭିନ୍ନ କିସମର ରଜପାନ ପସରା ଖୋଲାଯାଇଥାଏ । ବିଶେଷକରି ଛକରେ ଥିବା ସର୍ବେଶ୍ୱର ପାନ ଦୋକାନରେ ସ୍ପେଶାଲ ରଜ ପାନ ପାଇଁ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି । ମିଠା ପତ୍ରରେ ଗୋଟିକ ପରେ ଗୋଟିଏ ପ୍ରକାର ବିଭିନ୍ନ ପ୍ରକାର ମସଲା ଦେଇ ପାନ ଭାଙ୍ଗି ଗ୍ରାହକଙ୍କୁ ସେ ବଢେଇ ଦିଅନ୍ତି । ତେବେ ଏଠାରେ ୧୦ ଟଙ୍କାରୁ ଆରମ୍ଭ କରି ୫୦ଟଙ୍କା ପର୍ଯ୍ୟନ୍ତ ପାନ ମିଳିଥାଏ ବୋଲି ସେ ପ୍ରକାଶ କରିଛନ୍ତି । ଚଳିତ ବର୍ଷ ସେ ୧୦ରୁ ୧୫ହଜାର ଟଙ୍କା ପର୍ଯ୍ୟନ୍ତ ବେପାରର ଆଶା ରଖିଥିବା କହିଛନ୍ତି ।

## ପୁରପଲ୍ଲୀରେ ରଜ ମହୋତ୍ସବ ଧୁମ୍‌ଧାମରେ ପାଳିତ



ଖୁଣ୍ଟିଂ, ୧୬।୬(ସମିସ): ପର୍ବପର୍ବାଣୀ ଉତ୍କଳୀୟ ସାଂସ୍କୃତିକ ଚେତନାର ଏକ ମୁଖ୍ୟ ସ୍ରୋତ । ବର୍ଷତମାମ ସାମାଜିକ, ଆଧ୍ୟାତ୍ମିକ ଓ କିମ୍ବଦନ୍ତୀଭିତ୍ତିକ ପର୍ବପର୍ବାଣି କେବଳ ଓଡ଼ିଶାରେ ହିଁ ପାଳନ କରାଯାଇଥାଏ । ତନ୍ମଧ୍ୟରୁ ରଜ ପର୍ବ । ଏହି ପର୍ବର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଗ୍ରୀଷ୍ମ ଓ ବର୍ଷା ଋତୁର ସନ୍ଧିକ୍ଷଣରେ ଭିଜାମାଟିର ବାସ୍ନା ନେଇ ଚଳିତ ବର୍ଷ ପୁଣି ଆସିଛି ଓଡ଼ିଶାର ଗଣପର୍ବ ରଜ । ସତେ ଯେମିତି ଏହା ଧରିତ୍ରୀ ମାତା ଓ ମୌସୁମୀର ମିଳନ ପର୍ବ । ଜ୍ୟେଷ୍ଠ ମାସର ଶେଷ ଦିନକୁ ପହିଲି ରଜ । ଆଷାଢ଼ ମାସର ପ୍ରଥମ ଦିନଟି ରାଜସଂକ୍ରାନ୍ତି ଓ ତା' ପର ଦିନକୁ ଭୂମିଦାହ କୁହାଯାଏ । ଚତୁର୍ଥ ଦିନ ବସୁମତୀ ସ୍ନାନ ପାଳନ ପରେ ଏହି ପର୍ବ ଶେଷ ହୁଏ । ଏହି କୃଷିଭିତ୍ତିକ ପର୍ବକୁ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ପ୍ରତିଟି ଓଡ଼ିଆ ପରିବାର ବେଶ ଧୁମଧାମରେ ପାଳନ କରନ୍ତି । ତେବେ ଚଳିତ ବର୍ଷ ରଜ ପର୍ବ ପାଇଁ ଶୁକ୍ଳି ବ୍ଲକର କେଶନା, ଘିଖଲି ସମେତ ଅଧିକାଂଶ ଗ୍ରାମ ହୋଇଉଠିଛି ଉତ୍ସବ ମୁଖର । ବିଶେଷ କରି ଝିଅମାନେ ସଜବାଜ ହୋଇ ରଜ ପାନ, ପିଠାପଣା, ମାଛ ମାଂସ ଖାଇବା ସହ ଗୀତ ଗାଇ ଦୋଳିରେ ଝୁଲି ମଜା ଉଠାଉଛନ୍ତି । ବିଭିନ୍ନ ଗାଁରେ ଲୁଡୁ, ତାସ ଓ ବାଗୁଡ଼ି ଆଦି ଖେଳ ବି ଖୁବ ଜମିଛି । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଆୟୋଜନ ହୋଇଛି ।

## ବାର୍ଷିକ ପୂଜାରେ ପଡ଼ିଲା ବଳି; ରକ୍ତ ରଞ୍ଜିତ ହେଲା ଦେବୀପୀଠ



କଳାବାଡିଆ, ୧୬।୬(ସମିସ): ବାଙ୍ଗିରିପୋଷି ବ୍ଲକ କଳାବାଡିଆ ଓ କୁମ୍ଭାର ମୁଣ୍ଡାକଟା ପଞ୍ଚାୟତ ସୀମା ଠାକୁରାଣୀ ପାହାଡିରେ ୨୨ ମୌଜାର ଅଧିଷ୍ଠିତ ଦେବୀ ମା' ଆମ୍ବିଳିପାଟଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି । ଶହଶହ ଶ୍ରଦ୍ଧାଳୁ ନିଜ ମାନସିକତା ପୂରଣ ପାଇଁ ରଜ ଏବଂ ମକର ସଂକ୍ରାନ୍ତିକୁ ଅପେକ୍ଷା କରିଥାନ୍ତି । ବର୍ଷ ସାରା ଅନ୍ୟ ଦିନରେ ଜଗନ୍ନାଥ ଖୁଣ୍ଟାରେ ଥିବା ମା'ଙ୍କ ପୀଠରେ ପ୍ରତ୍ୟେକ ସପ୍ତାହର ଗୁରୁବାରରେ ଦେହୁରୀଙ୍କ ଦ୍ୱାରା ପୂଜା ପାଇଥାନ୍ତି ମା' । ପାହାଡି ପୂଜାରେ ପୂର୍ବରୁ ଶହଶହ ଛେଳି ଓ କୁକୁଡ଼ା ବଳିପଡୁଥିଲେ । ପର୍ଯ୍ୟାୟ କ୍ରମେ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏହି ପରମ୍ପରା ବନ୍ଦ କରାଯାଇଥିଲା । ପୁଣି ଭକ୍ତଙ୍କ ଆବେଗ ଆଗରେ ହାର ମାନିଲା ମାନବିକତା । ଶହ ଶହ ଛେଳି ଓ କୁକୁଡ଼ା ବଳି ପଡ଼ିଲେ । ପୀଠଠାରୁ ୫୦ ମିଟର ଦୂରରେ ଏବେ ବଳି ପଡୁଛି । ଭକ୍ତ ଆଣୁଥିବା ମାନସିକ ପାଇଁ ବଳିକୁ ପାହାଡିରେ ପୂଜା କରି ପରେ ଛାଡି ଦିଆଯାଉଛି । ଚଳିତ ବର୍ଷ ୭ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା । ପ୍ରବଳ ଗୁଳୁଗୁଳି ସତ୍ତ୍ୱେ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର: ୫୦ ୟୁନିଟ ସଂଗୃହୀତ

ବେତନଟୀ, ୧୬।୬(ସମିସ): ବେତନଟୀ ଉପକଣ୍ଠ ନହଣ୍ଡାଶୋଳ ଗ୍ରାମର ଯୁବରାଜ ଜିମ୍ନାସିୟମ ପକ୍ଷରୁ ଶନିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଆୟୋଜକ ଯୁବରାଜ ଜିମ୍ନାସିୟମର ସଭାପତି ଲମ୍ବୋଦର ମହାନ୍ତଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ରକ୍ତଦାନ ଶିବିରରେ ୫୦ ଜଣ ଯୁବକ ଏବଂ ମହିଳା ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ । ଏହି ଅବସରରେ କଟକସ୍ଥିତ ସେଣ୍ଟ୍ରାଲ ରେଡକ୍ରସ କାର୍ଯ୍ୟାଳୟରୁ ତାପସ ମହାନ୍ତ ଏବଂ ତାଙ୍କ ଟିମ୍ ସହଯୋଗ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଜୀତେନ୍ଦ୍ର ହେମ୍ବ୍ରମଙ୍କ ସମେତ ତପନ ବିନ୍ଧାଣୀ, ସିପୁ, ଗିରିଶ, ତପନ ମହାନ୍ତ, ରାମ, ଲୋହିତ, ଦୀନବନ୍ଧୁ ସମେତ ସମସ୍ତ ସଦସ୍ୟ ଦାୟିତ୍ୱ ସମ୍ପାଦନ କରିଥିଲେ । ତେବେ ପ୍ରବଳ ଗୁଳୁଗୁଳି ସତ୍ତ୍ୱେ ଅନୁଷ୍ଠାନ ପକ୍ଷରୁ ଶିବିରରେ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।

# ଆବର୍ଜନା କୁଣ୍ଡ ପାଲଟିଛି ଐତିହାସିକ କଏଦୀ ବନ୍ଧ

### ପୁନରୁଦ୍ଧାର କରିବାକୁ ସାଧାରଣରେ ଦାବି



ରାଇରଙ୍ଗପୁର, ୧୬।୬(ସମିସ): ବହଳଦାର ଐତିହାସିକ କଏଦୀ ବନ୍ଧ ଏବେ ସ୍ଥାନୀୟ ଲୋକଙ୍କ ପାଇଁ ଅଳିଆ ଆବର୍ଜନାର କୁଣ୍ଡ ପାଲଟିଯାଇଛି । ଲୋକେ ପ୍ରତିଦିନ ଅଳିଆ ପୋଖରୀରେ ପକାଉଥିବାରୁ ଦୂଷିତ ପରିବେଶ ସୃଷ୍ଟି ହୋଇଛି । ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା ବାମନଘାଟି ଉପଖଣ୍ଡର ଦ୍ୱିତୀୟ ବୃହତ୍ତମ ସହର ହେଉଛି ବହଳଦା । ଅତୀତରେ ମୟୂରଭଞ୍ଜ ସ୍ୱତନ୍ତ୍ର ରାଜ୍ୟ ଥିବା ସମୟରେ ବହଳଦା ରାଜଧାନୀ ଥିଲା । ଏହି ସହରର ଏକ ସ୍ୱତନ୍ତ୍ର ଐତିହାସିକ ପୃଷ୍ଠଭୂମି ରହିଛି । ମା' କୀଚକେଶ୍ୱରୀଙ୍କ ଶକ୍ତିପୀଠ ମଧ୍ୟ ଏଠାରେ ରହିଛି । ସ୍ୱାଧୀନତା ପୂର୍ବରୁ ମୟୂରଭଞ୍ଜ ମହାରାଜା ଶାସନ ସମୟରେ ବହଳଦାରେ ସ୍ୱତନ୍ତ୍ର କାରାଗାର ମଧ୍ୟ ରହିଥିଲା । ତତ୍କାଳୀନ ମୟୂରଭଞ୍ଜ ମହାରାଜାଙ୍କ ନିର୍ଦ୍ଦେଶକ୍ରମେ ଏଠାରେ ପୂର୍ବରୁ ଥିବା ଜଳସ୍ରୋତ ଉପରେ ବନ୍ଧ ନିର୍ମାଣ କରାଯାଇଥିଲା । ଉକ୍ତ ବନ୍ଧ ନିର୍ମାଣରେ କଏଦୀଙ୍କୁ ନିୟୋଜିତ କରାଯାଇଥିଲା । ତେଣୁ ଏହା କଏଦୀ ବନ୍ଧ ନାମରେ ନାମିତ ହୋଇଛି । ଏହି ବନ୍ଧ ବହଳଦାବାସୀଙ୍କ ପାଇଁ ଜଳର ଉତ୍ସ ରହିଥିଲା । ଲୋକେ ଏହି ବନ୍ଧର ପାଣିକୁ ବିଭିନ୍ନ କାର୍ଯ୍ୟରେ ମଧ୍ୟ ବ୍ୟବହାର କରୁଥିଲେ । ଗତ ୧୯ ୯୦ ମସିହା ପର୍ଯ୍ୟନ୍ତ ଲୋକଙ୍କ ପାଇଁ ଏହି ବନ୍ଧର ପାଣି ବ୍ୟବହାର ଯୋଗ୍ୟ ରହିଥିଲା । ପରବର୍ତ୍ତୀ ସମୟରେ ବହଳଦା ପଞ୍ଚାୟତ ପକ୍ଷରୁ ଜଳ ନିଷ୍କାସନ ପାଇଁ ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ କରାଯାଇଥିଲା ଏବଂ କେତେକ ଡ୍ରେନର ପାଣି ବନ୍ଧ ସହିତ ସଂଯୋଗ କରାଯାଇଥିଲା । ପରେ ଧୀରେ ଧୀରେ ପୋଖରୀ ପାଣି ପ୍ରଦୂଷିତ ହେବା ଆରମ୍ଭ ହୋଇଥିଲା । ପୋଖରୀ ପାଣି ବ୍ୟବହାର ଯୋଗ୍ୟ ରହିଲା ନାହିଁ । ପରବର୍ତ୍ତୀ ସମୟରେ ପଞ୍ଚାୟତ ପକ୍ଷରୁ କଏଦୀ ବନ୍ଧକୁ ମାଛ ଚାଷ ଉଦ୍ଦେଶ୍ୟରେ ନିଲାମ କରାଯାଇଥିଲା । ସେଥିରୁ ପଞ୍ଚାୟତ କୁ ରାଜସ୍ୱ ପ୍ରାପ୍ତି ହେଉଥିଲା । ହେଲେ ୫ ବର୍ଷ ହେଲା ବନ୍ଧ ନିଲାମ ବନ୍ଦ ରହିଛି । କିଛି ମାସ ପୂର୍ବରୁ ପୋଖରୀର ଜଳ ନିଷ୍କାସନ କରାଯାଇଥିଲା; କିନ୍ତୁ ଏବେ ଲୋକେ ଅଳିଆ ଆବର୍ଜନା ପକାଇ ତାହାକୁ ଦୂଷିତ କରିଦେଇଛନ୍ତି । ବହଳଦା ବସଷ୍ଟାଣ୍ଡ ସହିତ କଏଦୀ ବନ୍ଧ ନିକଟସ୍ଥ ଦୋକାନୀ ଓ ବସବାସ କରୁଥିବା ଲୋକଙ୍କ ଏବେ ଏହି ବନ୍ଧ ଆବର୍ଜନା କୁଣ୍ଡ ପାଲଟିଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ପୋଖରୀରେ ପଡ଼ିଥିବା ଅଳିଆ ଆବର୍ଜନା ଏବେ ପଚି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତରେ ଐତିହାସିକ କଏଦୀ ବନ୍ଧର ପୁନରୁଦ୍ଧାର କରାଗଲେ ଜନସାଧାରଣ ପାଇଁ ବ୍ୟବହାର ଯୋଗ୍ୟ ହୋଇପାରିବ । ଏଥିସହିତ ପୋଖରୀର ସୌନ୍ଦର୍ଯ୍ୟକରଣ କରି ପାର୍କ ମଧ୍ୟ ହୋଇପାରିବ । ତେଣୁ ସ୍ଥାନୀୟ ପ୍ରସାଶନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି ।

## ଗୁଜରାଟରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ବେତନଟୀ, ୧୬।୬(ସମିସ): ବେତନଟୀ ଥାନା ବଡଜାମବଣି ଫାଣ୍ଡି ଅଧୀନ ଭାଲିଆଡିହା ପଞ୍ଚାୟତ ବନ୍ଧସାହି ଗ୍ରାମର ଜଣେ ଯୁବକ ଗୁଜୁରାଟ ଦାଦନ ଖଟିବାକୁ ଯାଇ ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ମୃତ ଯୁବକ ହେଉଛନ୍ତି ଦାମୋଦର ଟୁଡୁଙ୍କ ପୁଅ ଦର୍ଗା ଟୁଡୁ(୩୦) । ସୂଚନା ମୁତାବକ, ଜାନୁଆରୀ ମାସରେ ଚିତ୍ରଡା ଅଞ୍ଚଳର ବାହାଦୂର ହାଁସଦା ସହିତ ଦର୍ଗା ଗୁଜୁରାଟକୁ ଦାଦନ ଖଟିବାକୁ ଯାଇଥିଲେ । ଗୁଜରାଟର ରାଜକୋଟ ଜିଲ୍ଲା ଅଧୀନ କୁବେର ଅଞ୍ଚଳର ହୋମଡେକୋର ପ୍ରାଇଭେଟ ଲିମିଟେଡ ନାମକ ଏକ କମ୍ପାନୀରେ ସେ କାମ କରୁଥିଲେ । ତେବେ କିଛିଦିନ ପୂର୍ବରୁ ଦର୍ଗାଙ୍କୁ ହଠାତ୍ ଜ୍ୱର ହେବା ସହିତ ମୁଣ୍ଡ ଏବଂ ପେଟରେ ପ୍ରବଳ ଯନ୍ତ୍ରଣା ହୋଇଥିଲା । ପ୍ରଥମେ କମ୍ପାନୀ କର୍ତ୍ତୃପକ୍ଷ ଦର୍ଗାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିବା ବେଳେ ସେଠାରୁ ଉନ୍ନତ ଚିକିତ୍ସା ନିମନ୍ତେ ସିଭିଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଦର୍ଗାଙ୍କ ପେଟ ଫୁଲିବାରୁ ଅସ୍ତ୍ରୋପଚାର କରାଯାଇଥିଲେ ସୁଦ୍ଧା ତାଙ୍କର ମୃତ୍ୟୁ ଘଟିଥିଲା । ପରେ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ତାଙ୍କ ମୃତଦେହ ବନ୍ଧସାହିରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ତେବେ କମ୍ପାନୀ କର୍ତ୍ତୃପକ୍ଷ ମୃତକଙ୍କ ପରିବାରକୁ କୌଣସି ଆର୍ଥିକ ସହାୟତା ଦେଇନଥିବା ବେଳେ ଦୁଇଟି କୁନିକୁନି ଶିଶୁ ସମେତ ପରିବାର ଏବେ ଅସହାୟ ହୋଇପଡ଼ିଛନ୍ତି ।

## ଆମ୍ବ ଗଛରୁ ପଡ଼ି ବାଳିକା ମୃତ

ମହୁଲଡିହା, ୧୬।୬(ସମିସ): ଠାକୁରମୁଣ୍ଡା ଥାନା ଅଧୀନ ହାତୀଗୋଡା ଗ୍ରାମପଞ୍ଚାୟତର ରାଣୀଭୋଳ ଗ୍ରାମରେ ଆମ୍ବ ଗଛରୁ ପଡ଼ି ଜଣେ ବାଳିକାର ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶ ଯେ, ୧୫ ତାରିଖ ଅପରାହ୍ନରେ ରାଣୀଭୋଳ ଗ୍ରାମର ବେରଗା ସଏଙ୍କ ଝିଅ ବେବି ସଏ (୧୨) ରଜ ପର୍ବ ଥିବାରୁ ଆମ୍ବ ଖାଇବା ପାଇଁ ଗଛ ଉପରକୁ ଚଢିଥିଲେ । ହେଲେ ଆମ୍ବ ତୋଳିବା ବେଳେ ଅସାବଧାନତା ହେତୁ ତଳେ ପଡ଼ି ଯାଇଥିଲେ । ଫଳରେ ସେ ଗୁରୁତର ହୋଇପଡ଼ିଥିଲେ । ତାଙ୍କୁ ପରିବାର ଲୋକ ସଙ୍ଗେ ସଙ୍ଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ମୁଣ୍ଡରେ ମାଡ଼ ହୋଇଥିବାରୁ ଡାକ୍ତର କଟକ ବଡ଼ ଡାକ୍ତରଖାନାକୁ ନେବାକୁ ପରାମର୍ଶ ଦେଇଥିଲେ; ମାତ୍ର ସନ୍ଧ୍ୟାରେ ବାଳିକାର ମୃତ୍ୟୁ ଘଟଛି । ଖବର ପାଇ ପୁଲିସ ଶବକୁ ଜବତ କରି ତଦନ୍ତ ଚଳାଇଛି ।

## ବୀରଚକ୍ର ଯବାନ ନୁଦୁରାମଙ୍କ ସହିଦ ଦିବସ ପାଳିତ




ରାଇରଙ୍ଗପୁର, ୧୬।୬(ସମିସ): ସହିଦ ନୁଦୁରାମ ମେମୋରିଆଲ ଟ୍ରଷ୍ଟର ବରିଷ୍ଠ ସଦସ୍ୟ ମୋଚିରାମ ମାଝୀଙ୍କ ସଭାପତିତ୍ୱରେ ସହିଦ ଦିବସ ପାଳିତ ହୋଇଛି । ଏଥିରେ ଟ୍ରଷ୍ଟର ପ୍ରତିଷ୍ଠାତା ମନୋରଞ୍ଜନ ହାଁସଦାଙ୍କ ଆବାହକତ୍ୱ କରିଥିଲେ । ସହିଦ ନୁଦୁରାମଙ୍କ ପୈତୃକଗ୍ରାମ ବଡଚମ୍ପାଉଦାଠାରେ ୪ର୍ଥ ବାର୍ଷିକ ସହିଦ ଦିବସ ପାଳିତ ହୋଇଯାଇଛି । ସହିଦଙ୍କ ବଂଶଜବୃଦ୍ଧା ରୂପି ସୋରେନଙ୍କ ବିୟୋଗର ଅନ୍ତ୍ୟେଷ୍ଟିକ୍ରିୟା ସମାପନ ହୋଇ ନ ଥିବାରୁ ସାନ୍ତାଳ ପରମ୍ପରା ଅନୁସାରେ ପୁଷ୍ପମାଲ୍ୟ ଅର୍ପଣ ବିଧିସମ୍ମତ ନ ଥିବାରୁ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ନିରାଡମ୍ବର ଭାବେ ଶୋକଦିବସ ପାଳନ କରାଯାଇଛି । ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଆବାହକ ବିଜୟ କୁମାର ରାମ ସହିଦଙ୍କ ଗଲବାନ ଘାଟିରେ ବୀରତ୍ୱର ପରାକାଷ୍ଠା ସମ୍ବନ୍ଧରେ ଦୃଷ୍ଟିଆକର୍ଷଣ କରିଥିଲେ । ଟ୍ରଷ୍ଟର ପ୍ରତିଷ୍ଠାତା ମନୋରଞ୍ଜନ ହାଁସଦା ସହିଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଟ୍ରଷ୍ଟର ବରିଷ୍ଠ ସଦସ୍ୟ ପ୍ରତାପଚନ୍ଦ୍ର ହେମ୍ବ୍ରମ, ମେଜର ମହେନ୍ଦ୍ରନାଥ ମହାନ୍ତ, ରବୀନ୍ଦ୍ର କୁମାର ମୁଖୀ, ରଞ୍ଜନ କୁମାର ନନ୍ଦ, ଡାକ୍ତର ଦିଗମ୍ବର ଗିରି ସହିଦଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ । ଟ୍ରଷ୍ଟର ସଦସ୍ୟ ଗୋପାଳକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

ବେତନଟୀ, ୧୬।୬(ସମିସ): କୃଷ୍ଣଚନ୍ଦ୍ରପୁର ଓଭରବ୍ରିଜ ଉପରେ ଶନିବାର ରାତିରେ ଏକ ସଡକ ଦୁର୍ଘଟଣାରେ ଜଣେ ମହିଳା ଗୁରୁତର ଆହତ ହୋଇଥିବା ବେଳେ ଅଜା-ନାତି ଅଳ୍ପକେ ବର୍ତ୍ତିଯାଇଛନ୍ତି । ସୂଚନା ମୁତାବକ ପତୁକାଶାସନ ଉପକଣ୍ଠ ଶଙ୍କରପୁର ଗ୍ରାମର ଗଦାଧର ମହାନ୍ତି ବାଇକଯୋଗେ ଝିଅଘର ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଉପକଣ୍ଠ ବିଷ୍ଣୁପାଳ ଗାଁକୁ ଆସିଥିଲେ । ସେଠାରେ ଝିଅ କଳ୍ପନା ମହାପାତ୍ର (୪୦) ଏବଂ ନାତି କ୍ରିଷ୍ଣା ମହାପାତ୍ର(୧୦)ଙ୍କୁ ନେଇ ଶଙ୍କରପୁର ଫେରୁଥିଲେ । ତେବେ କୃଷ୍ଣଚନ୍ଦ୍ରପୁର ଓଭରବ୍ରିଜ ଉପରେ ଏକ ଗାଈକୁ ଧକ୍କାଦେଇ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁର୍ଘଟଣାରେ ଗଦାଧର (୬୦) ଏବଂ ନାତି କ୍ରିଷ୍ଣା ସାମାନ୍ୟ ଆହତ ହୋଇଥିବା ବେଳେ କଳ୍ପନା ଗୁରୁତର ହୋଇଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ବାରିପଦା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି ।

## ରୁଗୁଡିସାହିରେ ହିନ୍ଦୋଳ ଯାତ୍ରା ଉତ୍ସବ



ରାଇରଙ୍ଗପୁର, ୧୬।୬(ସମିସ): ଜାମଦା ବ୍ଲକ ଅନ୍ତର୍ଗତ ତାଳଗାଁ ଗ୍ରାମପଞ୍ଚାୟତ ରୁଗୁଡି ସାହିରେ ହିନ୍ଦୋଳ ଯାତ୍ରା ପାଳିତ ହୋଇଯାଇଛି । ଏହି ହିନ୍ଦୋଳ ଯାତ୍ରା ପହିଲି ରଜଠାରୁ ଆରମ୍ଭ ହୋଇ ୩ଦିନ ଧରି ଆୟୋଜନ କରାଯାଇଥାଏ । ଏହି ଯାତ୍ରାରେ ଆଖପାଖ ଗାଁ ଲୋକେ ପହିଲି ରଜରେ ନୂଆ ପୋଷାକ ପିଠା ପଣାର ଆସର ପରେ ସନ୍ଧ୍ୟାରେ ଆଦିବାସୀ ନୃତ୍ୟ କରିଥାନ୍ତି । ଏହି ଯାତ୍ରାକୁ ଦେଖିବା ନିମନ୍ତେ ହଜାର ହଜାର ଦର୍ଶକ ଆସିଥାନ୍ତି । ଏହି ଯାତ୍ରା ଆଦିବାସୀ ସମ୍ପ୍ରଦାୟ ଲୋକମାନଙ୍କ ସହିତ ଅନ୍ୟ ସମ୍ପ୍ରଦାୟର ଲୋକେ ଆସି ହିନ୍ଦୋଳ ଯାତ୍ରାର ମଜା ନେବା ସହିତ ରଜ ଦୋଳିର ମଜା ନେଇଥାନ୍ତି । ତାଳଗାଁ ଗ୍ରାମପଞ୍ଚାୟତ ସରପଞ୍ଚ ଡମ୍ବରୁଧର ହେମ୍ବ୍ରମ, ଘନଶ୍ୟାମ ପିଙ୍ଗୁଆ, ଭିମ ପୂର୍ତ୍ତି, ରୁମ୍ପା ପୂର୍ତ୍ତି, ଟୁକୁଲୁ ବରଝୋ, ଟୁଲା ମାର୍ଣ୍ଡି, ତୁଫାନ ପୂର୍ତ୍ତି, ବେରଘା ବାରଦା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଜାତୀୟ ଯୋଗ ଅଲମ୍ପିଆଡ଼ରେ ମୟୂରଭଞ୍ଜରୁ ଦୁଇ ପ୍ରତିଯୋଗୀ



ବାରିପଦା, ୧୬।୬(ସମିସ): ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟଙ୍କ ଚିଠି ଅନୁଯାୟୀ ଆସନ୍ତା ୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ କର୍ଣ୍ଣାଟକର ମହିଶୂରସ୍ଥିତ ମାନସଗଙ୍ଗୋତ୍ରୀଠାରେ ୧୪ ଓ ୧୬ ବର୍ଷରୁ କମ ବର୍ଗର ବାଳକବାଳିକାଙ୍କୁ ଜାତୀୟସ୍ତର ଯୋଗ ଅଲମ୍ପିୟାଡ଼ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ଓଡ଼ିଶା ଟିମରେ ମୟୂରଭଞ୍ଜ ଜିଲ୍ଲାର ଦୁଇ ଜଣ କ୍ରୀଡାବିତ୍ ଚୟନ ହୋଇଛନ୍ତି । ୧୪ବର୍ଷରୁ କମ ବାଳକ ବିଭାଗରେ ବାରିପଦା ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର କ୍ରିଷ୍ଣା ନାୟକ ଓ ପୁଲିସ ଲାଇନ ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରିଷ୍ଣା ଦାସ ମନୋନୀତ ହୋଇଛନ୍ତି । ଏହି ଅବସରରେ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକ ଏବଂ ଯୋଗ ପ୍ରଶିକ୍ଷକ ଜ୍ୟୋତିରଞ୍ଜନ ଦାସ ଶୁଭେଚ୍ଛା ଜଣାଇବା ସହ ଉଭୟଙ୍କ ସଫଳତା କାମନା କରିଛନ୍ତି ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ମୋରଡ଼ା/ରାସଗୋବିନ୍ଦପୁର, ୧୬।୬(ସମିସ): ରାସଗୋବିନ୍ଦପୁରରେ ରଜପର୍ବ ଉପଲକ୍ଷେ ବିନୋଦ ବିହାରୀ ଆଥଲେଟିକ କ୍ଲବ ତରଫରୁ ଗତ ୭ରୁ ଜୁନ ୧୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ସ୍ୱର୍ଗୀୟ ସନାତନ ମହାନ୍ତି ଉଦ୍ଦେଶ୍ୟରେ ଆୟୋଜନ କରାଯାଇଥିଲା । ଶନିବାର ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଲୋକସଭା ସାଂସଦ ନବଚରଣ ମାଝୀ, ସମ୍ମାନିତ ଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦା ମୁଖ୍ୟବକ୍ତା ଭାବରେ ସମାଜସେବୀ ଆଦିତ୍ୟ ପଟ୍ଟନାୟକ, ଜିଲ୍ଲା ପରିଷଦ ସଦସ୍ୟ ଶ୍ୟାମସୁନ୍ଦର ଡାକୁଆ, କମିଟି ସଭାପତି ଅଜୟ କୁମାର ମହାନ୍ତି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଆଠ ଦିନ ଧରି ହୋଇଥିବା କ୍ରିକେଟ, ଫୁଟବଲ, ୪୦୦ମିଟର ବାଳକ ଦୌଡ଼, ଲୌହ ଥାଳିଆ କ୍ଷେପଣ, ଲୌହ ପିଣ୍ଡ କ୍ଷେପଣ, ଧନୁଶର ନିକ୍ଷେପ, ଅନ୍ଧ ପୋଟଳି, ବିଜ୍ଞାନ କୁଇଜ, ବାଳିକା ମାନଙ୍କ ପାଇଁ ମ୍ୟାଜିକ ଚେୟାର, ଝିଲାପି ଦୌଡ଼, ମହିଳା ଫୁଟବଲ, କ୍ରସ କଣ୍ଟ୍ରି ରେସ, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ମହିଳା ସାଇକେଲ ରେସ, ପୁରୁଷ ସାଇକଲ ରେସ, ସନ୍ତରଣ, ଜଳପୂର୍ଣ୍ଣ କଳସୀ ଦୌଡ଼, ଶଙ୍ଖ ଫୁଙ୍କା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## ବନ୍ଦ ବିଦ୍ୟାଳୟ ପାଲଟିଛି ଭୂତକୋଠି



ଖୁଣ୍ଟିଂ, ୧୬।୬(ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଙ୍କ ନିର୍ଦ୍ଦେଶନାମା ଅନୁଯାୟୀ କିଛି ବର୍ଷ ତଳେ ଆବଶ୍ୟକ ସଂଖ୍ୟକ ଛାତ୍ରଛାତ୍ରୀ ଅଭାବ ଦର୍ଶାଯାଇ ବହୁ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରାଯାଇ ନିକଟସ୍ଥ ସ୍କୁଲରେ ମିଶାଇ ଦିଆଗଲା । ଏହା ଫଳରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ବିଦ୍ୟାଳୟ କୋଠାଗୁଡିକ ଭୂତକୋଠି ପାଲଟିଗଲା । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲାର ଶୁକ୍ଳି ବ୍ଲକ ଅନ୍ତର୍ଗତ ଉତ୍ତରପୋଷି ପ୍ରାଥମିକ ବିଦ୍ୟାଳୟରେ । ବନ୍ଦହେବା ଦିନଠାରୁ ଏହି ବିଦ୍ୟାଳୟର କୋଠା ଅବ୍ୟବହୃତ ହୋଇ ପଡ଼ିରହିଛି । ଥିପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁ ନଥିବା ଯୋଗୁଁ ପରିତ୍ୟକ୍ତ ଓ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଏବେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଧୀରେ ଧୀରେ ନଷ୍ଟ ହେବାକୁ ବସିଲାଣି । ପାଚେରୀ ସମେତ ଫାଟକ ମେଲା ଥିବାରୁ ବିଦ୍ୟାଳୟ ପରିସର ଅସାମାଜିକ ଲୋକଙ୍କ ଆ‡ାସ୍ଥଳ ପାଲଟିଛି । ବିପଦ ସଂକୁଳ ଅବସ୍ଥାରେ ଥିବା ଏହି କୋଠାଟି ନିକଟ ଭବିଷ୍ୟତରେ ମାଟିରେ ମିଶିଯିବାର ଆଶଙ୍କା ରହିଥିବାରୁ ଅବିଳମ୍ବେ ଏହାର ନବୀକରଣ କରାଯାଇ ଜନକଲ୍ୟାଣ କାର୍ଯ୍ୟକ୍ରମ ଅଥବା ସରକାରୀ କାର୍ଯ୍ୟାଳୟ ରୂପେ ବ୍ୟବହାର କରାଯିବା ପାଇଁ ସାଧାରଣରେ ମତ ପ୍ରକାଶ ପାଉଛି ।

### ପ୍ରେସ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ସଭା

# ସମ୍ବର୍ଦ୍ଧିତ ହେଲେ ୧୦ କୃତୀ ବିଦ୍ୟାର୍ଥୀ

କୁଆମରା, ୧୬।୬(ସମିସ): ଗୋପବନ୍ଧୁ ନଗର ପ୍ରେସ କ୍ଲବ ପକ୍ଷରୁ ରବିବାର କୁଆମରା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ୧୦ ଜଣ କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଆୟୋଜିତ ଉତ୍ସବରେ ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟ ଅତିଥି ବିଡିଓ କରୁଣାକର ଧିନ୍ଦା, ସମ୍ମାନିତ ଅତିଥି କୁଆମରା ଆଞ୍ଚଳିକ ଡାକ୍ତରଖାନାର ଡା. ଶାନ୍ତନୁ କୁମାର ଜେନା ଓ ପଞ୍ଚପଲ୍ଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଗୁଣାକର ଦାସ ଯୋଗଦେଇ ସଫଳତା ହାସଲ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ୧୦ମ ଶ୍ରେଣୀର କୃତୀ ଛାତ୍ରଛାତ୍ରୀ ଆର୍ଯ୍ୟା ଉପାସିତା ପୃଷ୍ଟି, ଶିବ ପ୍ରସାଦ ଜେନା, ସୌମ୍ୟା ସୁଚରିତା ପାତ୍ର, ଅଂଶୁମାନ ବେହେରା, ରଣଜିତ ମଲ୍ଲିକ, କ୍ରୀଷ୍ଣା କୁମାର ଦାସ, ଅର୍ପିତା ପରିଡ଼ା, ନଭ୍ୟା ଦ୍ୱିବେଦୀ, କମଳ ଲୋଚନ ମୁର୍ମୁ, ପ୍ରସନ୍ନଜିତ ନାଏକ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଭିଜିତ୍ ବେହେରା, ପ୍ରିୟଦର୍ଶିନୀ ସାହୁ, ବାସନ୍ତୀ ମାର୍ଣ୍ଡି, ପ୍ରଣବ ମହଲା ଓ ବିଷ୍ଣୁ ପ୍ରିୟା ବେହେରାଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା ।



ବିଭିନ୍ନ ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ, ଅଧ୍ୟାପକ, ଅଧ୍ୟାପିକା ଓ ଅଭିବାବକ ଉପସ୍ଥିତ ଥିଲେ । ପ୍ରେସ କ୍ଲବର ସମ୍ପାଦକ ଡକ୍ଟର କୁମାର ବାବୁଲି ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ଉପ ସଭାପତି ଚିତ୍ତରଞ୍ଜନ ଦଳେଇଙ୍କ ସମେତ ଶାନ୍ତନୁ କୁମାର ମଡୁଆଳ, ହୀରେନ ରାୟ, ଯୋଗେଶ୍ୱର ସାହୁ, ବିଶ୍ୱଜିତ ଦାଶ, ସମ୍ବିତ ରାଉତ, ଦୀପକ କୁମାର ଚୌଧୁରୀ, ରଞ୍ଜନ କୁମାର ମଡୁଆଳ, ସୂର୍ଯ୍ୟକାନ୍ତି ପୁହାଣ, ମାଣିକ ହେମ୍ବ୍ରମ, ଜୟନ୍ତ କୁମାର ସ ପ୍ରମୁଖ ପରିଚାଳନା କରିଥିଲେ ।

## ବୃଦ୍ଧାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାରିପଦା, ୧୬।୬(ସମିସ):** ବାରିପଦା ଟାଉନ ଥାନା ଅଞ୍ଚଳରୁ ଗଛରୁ ବୃଦ୍ଧାଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ହେଲେ ଦମୟନ୍ତି ସାମଲ (୭୨)। ସେ ନିଜ ଝିଅ ଘରକୁ ଷ୍ଟେସନ ବଜାର ଅଞ୍ଚଳକୁ ଆସିଥିଲେ। ସେ ଘରୁ କୁଆଡେ ଚାଲି ଯାଇଥିବା ବେଳେ ଘରକୁ ଫେରିନଥିଲେ। ଦେବେନ୍ଦ୍ରପୁର ଅଞ୍ଚଳରେ ଗଛରେ ରଶି ଲଗାଇ ଗଛରେ ଓହଳି ପଡ଼ି ଆତ୍ମହତ୍ୟା କରିଥିବା ବେଳେ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରେ ଟାଉନ ଥାନା ପୁଲିସ ପହଞ୍ଚି ଗଛରୁ ଝୁଲନ୍ତା ଅବସ୍ଥାରେ ମୃତଦେହକୁ ଉଦ୍ଧାର କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଇଛି। ଏନେଇ ବାରିପଦା ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ମହୁଲଡିହା, ୧୬।୬ (ସମିସ):** ଠାକୁରମୁଣ୍ଡା - କରଞ୍ଜିଆ ରାସ୍ତାର ଅସନବଣି ନିକଟରେ ଶନିବାର ରାତିରେ ଦୁର୍ଘଟଣାରେ ଜଣେ ବାଇକ ଚଳକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଉଛନ୍ତି ଠାକୁରମୁଣ୍ଡା ଥାନା ଅନ୍ତର୍ଗତ କେନ୍ଦୁଜିଆଣି ଗ୍ରାମପଞ୍ଚାୟତ ଅନ୍ତର୍ଗତ ପାଢ଼ିଆର ସାହିର ରାମଚନ୍ଦ୍ର ଗାଗାରାଇଙ୍କ ପୁଅ ରାଜୁ (୨୫)। ସୂଚନା ଅନୁଯାୟୀ କରଞ୍ଜିଆ ରୁ କାମ ସାରି ଏକ ବାଇକ ଯୋଗେ ରାଜୁ ନିଜ ଘର ପାଢିଆର ସାହିକୁ ଫେରୁଥିବା ବେଳେ ରାତି ପ୍ରାୟ ୧୦ ଟା ସମୟରେ ଅସନବଣି ନିକଟରେ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଇଥିଲା; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ।

## ଅଂଶୁଘାତରେ ଦୁଇ ମହିଳା ମୃତ୍ୟୁ ଅଭିଯୋଗ

**କୁଆମରା, ୧୬।୬(ସମିସ):** ଖୁଣ୍ଟା ଥାନା ଅନ୍ତର୍ଗତ ଗୋପବନ୍ଧୁ ନଗର ବ୍ଲକର କୁଆମରା ଓ ଖୁଣ୍ଟା ବ୍ଲକର ଗଡ଼ି ଗାଁ ଗ୍ରାମର ଦୁଇ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଉଛନ୍ତି କୁଆମରା ଗ୍ରାମର ଦେବ ସିଂଙ୍କ ସ୍ତ୍ରୀ ଶୁକ୍ରୁ (୪୪) ଓ ଗଡ଼ି ଗାଁ ଗ୍ରାମର ସ୍ୱର୍ଗତ ଡୁଗୁ ହେମ୍ବ୍ରମଙ୍କ ସ୍ତ୍ରୀ ମହ୍ଲା (୫୫)। ଗତକାଲି ଉକ୍ତ ଦୁଇ ମହିଳା କାମ କରିବାକୁ ଯାଇ ଅପରାହ୍ନରେ ଫେରିବା ପରେ କ୍ଲାନ୍ତ ହୋଇ ପଡ଼ିଥିଲେ। ସନ୍ଧ୍ୟା ସମୟରେ ଅଧିକ ଅସୁସ୍ଥତା ଅନୁଭବ କରିବାରୁ ଉଭୟଙ୍କୁ ଡାକ୍ତରଖାନା ନିଆଯାଇଥିଲା; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କୁହାଯାଇଛି।

## ଗଛ ପଡ଼ି ଭାଙ୍ଗିଲା ଖୁଣ୍ଟ; ବିଦ୍ୟୁତ ସରବରାହ ବିଚ୍ଛିନ୍ନ

**ମହୁଲଡିହା, ୧୬।୬(ସମିସ):** ଗଛ ପଡ଼ିଯିବାରୁ ଠାକୁରମୁଣ୍ଡା ବ୍ଲକ ମହୁଲଡିହା, ଭାଲିଆଡାଳ ଓ ସାତକୋଶିଆ ଗ୍ରାମ ପଞ୍ଚାୟତର ବାଉଁଶଡିହା, ବାଗଦଫା ଓ ଜାମୁନଶ୍ତା ଗ୍ରାମ ବିଦ୍ୟୁତ ସଂଯୋଗରୁ ବିଚ୍ଛିନ୍ନ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ଘୂର୍ଣ୍ଣିଝଡ ହୋଇଥିଲା। ଘୂର୍ଣ୍ଣିଝଡ ପ୍ରଭାବରେ ୧୧ କେଭି ବିଦ୍ୟୁତ୍ ତାର ଉପରେ ଖୁମଠାଣ (ବାଉଁଶଡିହା) ଶାଳନ୍ଦୀ ନଦୀ ଡଙ୍ଗା ଘାଟ ପାଖରେ ଗଛ ପଡ଼ି ଦୁଇଟି ବିଦ୍ୟୁତ ଖୁଣ୍ଟ ଓ ଏକାଧିକ ଏଲଟି ଖୁଣ୍ଟ ଭାଙ୍ଗି ତାର ଚିଣ୍ଡିବା ସହିତ ଏକାଧିକ ଗ୍ରାମରେ ଘର ଛପର ଉଡ଼ିଯାଇଛି। ପ୍ରବଳ ଗରମ ଗୁଳୁଗୁଳି ହେଉଥିବାରୁ ବିଦ୍ୟୁତ ବିଭାଗ ଶୀଘ୍ର ମରାମତି କରି ବିଦ୍ୟୁତ୍ ସଂଯୋଗ ଦେବାକୁ ଦାବି କରିଛନ୍ତି ଉପଭୋକ୍ତା।

## ଜିଲ୍ଲା ସଦର ମହକୁମାରେ ଦୁଇ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ବାରିପଦା, ୧୬।୬(ସମିସ):** ରାଜ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା ମୟୂରଭଞ୍ଜ ଜିଲ୍ଲାର ଦୁଇ ମନ୍ତ୍ରୀଙ୍କୁ ରବିବାର ସ୍ୱାଗତ କରାଯାଇଛି। ବାରିପଦା ପାଲବଣି ଛକରେ ବିଜେପି କର୍ମକର୍ତ୍ତା ଓ ଶୁଭେଚ୍ଛୁମାନେ ଗୃହ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ବିଭାଗ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆଙ୍କୁ ପାଛୋଟି ନେଇଥିଲେ। ପ୍ରଥମେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ବାଜା ବାଣ ରୋଷଣି ଓ ବାଦ୍ୟନୃତ୍ୟରେ ବାରିପଦା ସହର ପ୍ରକମ୍ପିତ ହୋଇଥିଲା। ପରେ ବାରିପଦା ସହରରେ ଥିବା ବିଜୁ ପଟ୍ଟନାୟକ, ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଆଦି ସମସ୍ତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଦୀର୍ଘ ବର୍ଷ ପରେ ଜିଲ୍ଲାକୁ ଏକ ସାଧାରଣ ବର୍ଗର ନେତାଙ୍କୁ ମନ୍ତ୍ରୀ ଭାବେ ପାଇଥିବାରୁ ସମସ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ତକତପୁର ସ୍ଥିତି ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ପହଞ୍ଚିବା ପରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ବାଙ୍ଗରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ, ସାରସକଣା ବିଧାୟକ ଭାଦବ ହାଁସଦାଃ, ରାଇରଙ୍ଗପୁର ବିଧାୟକ ଜୋଲେନ ନାଏକ, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ, ଉଦଳା ବିଧାୟକ ଭାସ୍କର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବିଜେପି ଜିଲା ସଭାପତି (ପୂର୍ବ) କାନ୍ଦରା ସୋରେନ, ପୂର୍ବତନ ମନ୍ତ୍ରୀ ତଥା ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ନବୀନ ରାମ, ପଶ୍ଚିମ ଜିଲ୍ଲା ସଙ୍ଗଠନର ସଭାପତିଙ୍କ ସମେତ ଦଳୀୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଜିଲ୍ଲାର ବିକାଶ ତଥା ସମସ୍ତଙ୍କ ମୌଳିକ ସମସ୍ୟା ପ୍ରତି ଗୁରୁତ୍ୱ ପ୍ରଦାନ କରି ଦୀର୍ଘ ଦିନର ଦାବିକୁ ପୂରଣ କରାଯିବ ବୋଲି ମଞ୍ଚାସୀନ ନେତୃବୃନ୍ଦ ବକ୍ତବ୍ୟରେ ପ୍ରକାଶ କରିଥିଲେ।

### ବୁଧବାର ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଗୁଆଲି ଯାତ୍ରା

## ମଦନମୋହନ ଓ ରୁକ୍ମିଣୀ କରିବେ ନଗର ଭ୍ରମଣ

**ବାରିପଦା, ୧୬।୬(ସମିସ)**



ବାରିପଦାର ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଗୁଆଲି ଯାତ୍ରା ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲ୍ଲାପାଳଙ୍କ ସହିତ ସେବାୟତଙ୍କ ମଧ୍ୟରେ ଆଲୋଚନା ହେବା ପରେ ଗୁଆଲି ଯାତ୍ରା ହେବା ନେଇ ସ୍ଥିରୀକୃତ ହୋଇଛି। ଦେବୋତ୍ତର ବିଭାଗର ଖାମଖିଆଲ ନୀତି ପାଇଁ ଶ୍ରୀ ଶ୍ରୀ ହରିବଳଦେବ ବିଜେଙ୍କ ମନ୍ଦିରରେ ଗୁଆଲି ଯାତ୍ରା ନୀତିକାନ୍ତି ସମ୍ପନ୍ନ ହୋଇପାରୁନଥିଲା; ଯାହାକୁ ନେଇ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ଉକ୍ତ ନୀତି କରିବା ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ସେବାୟତଙ୍କ ସହିତ ଆଲୋଚନା କରିବା ପରେ ଆସନ୍ତା ୧୯ ତାରିଖରେ ଗୁଆଲି ଯାତ୍ରା ଅନୁଷ୍ଠିତ ହେବା ନେଇ ସ୍ଥିରୀକୃତ ହୋଇଛି। ସନ୍ଧ୍ୟା ସମୟରେ ଗୁଆଲି ଯାତ୍ରା ପୁନଃ ପ୍ରଚଳନ ହେବା ନେଇ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ସମସ୍ତ ପ୍ରସ୍ତୁତି ଜାରି ରହିଛି। ମହାପ୍ରଭୁଙ୍କ ଗୁଆଲି ଯାତ୍ରା ନୀତି ପୁନଃଚାଲୁ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ଦେବୋତ୍ତର ବିଭାଗର ଅଧିକାରୀ ତଥା ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗୁଆଲି ଯାତ୍ରାକୁ ସମାରୋହରେ ସମ୍ପନ୍ନ କରାଯିବା ନେଇ କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି। ପରମ୍ପରା ଅନୁଯାୟୀ ପ୍ରତିବର୍ଷ ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ରୁକ୍ମିଣୀ ବିବାହ ନୀତି ଅନୁଷ୍ଠିତ ହୋଇଥାଏ। ଏହି ନୀତି ଅବସରରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ଦଶମୀ ତିଥିରେ ରୁକ୍ମିଣୀକୁ ହରଣ କରି ଏକାଦଶୀରେ ବିବାହ କରିଥାନ୍ତି ଏବଂ ଦ୍ୱାଦଶୀ ତିଥିରେ ନବଦମ୍ପତ୍ତି ମଦନ ମୋହନ ଓ ରୁକ୍ମିଣୀ ନଗର ଭ୍ରମଣରେ ଯାଇଥାନ୍ତି; ଯାହା ଗୁଆଲି ଯାତ୍ରା ଭାବେ ବେଶ ପରିଚିତ। ଚଳିତବର୍ଷ ଏହି ଯାତ୍ରା ଅନୁଷ୍ଠିତ ହେବାକୁ ଯାଉଥିବାରୁ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

## ମହିଳାଙ୍କ ଝୁଲନ୍ତା ଶବ ଉଦ୍ଧାର

**କୁଆମରା, ୧୬।୬(ସମିସ):** ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ ପଶୁଦା ପଞ୍ଚାୟତ ସ୍ଥିତ ମୁଟ୍ରୁଦା ଗ୍ରାମ ଜଣେ ମହିଳା ଙ୍କ ଝୁଲନ୍ତା ଶବ ଉଦ୍ଧାର କରିଛି ପୋଲିସ। ମୃତକ ହେଉଛନ୍ତି ଖଣ୍ଡେ ସିଂ ଙ୍କ ସ୍ତ୍ରୀ ମାଣତ୍ରୀ (୫୫)। ପହିଲି ରଜ ଦିନ ମାଣତ୍ରୀ ଘରୁ ବାହାରି ଆସି ଆଉ ଫେରି ନଥିଲେ। ଘରକୁ ନଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରି ପାଇ ନଥିବା ବେଳେ ଆଜି ଘର ଠାରୁ ଅନତି ଦୂରରେ ନଦୀକୂଳ ଏକ ଗଛରେ ବେକରେ ଗାମୁଛା ବାନ୍ଧି ଝୁଲୁ ଥିବାର ଦେଖିବାକୁ ପାଇଥିଲେ ସ୍ଥାନୀୟ ଲୋକେ। ଖବର ପାଇ ପୋଲିସ ପହଞ୍ଚି ଶବ କୁ ଗଛରୁ ଓହ୍ଲାଇବା ବେଳକୁ ତାହା ପଚିସଢି ଯାଇଥିବାର ଦେଖିବାକୁ ମିଳିଛି। ତେବେ ସେହି ଦିନ ସେ ଆତ୍ମହତ୍ୟା କରିଥିବାର ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ଆଦିମ ଖଡ଼ିଆ ସମ୍ପ୍ରଦାୟର ନିଆରା ବିବାହ

## ରଜ ଦୋଳି ଗୀତ ପ୍ରତିଯୋଗିତାରେ ଜିତି ପାଇଥିଲେ ଜୀବନସାଥୀ

**ମୋରଡ଼ା, ୧୬।୬(ସମିସ):** କିଏ ମନ୍ଦିରରେ ରୀତିନୀତି ଅନୁସାରେ ବାହା ହୁଅନ୍ତି ତ କିଏ ବେଦୀରେ ବିବାହ କରନ୍ତି। ଅନ୍ୟ କେତେକ ଭଲ ପାଇ ଅଦାଲତରେ ବିବାହ ସମ୍ପନ୍ନ କରିଥାନ୍ତି। ତେବେ ରବିବାର ଏଭଳି ଏକ ଗାଁରେ ନିଆରା ବିବାହ କାର୍ଯ୍ୟ ଦେଖିବାକୁ ମିଳିଛି। ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ ଅନ୍ତର୍ଗତ ଦାନ୍ତିଆମୁହାଁ ପଞ୍ଚାୟତ ବଡଜାମବଣି ଗାଁର ସାଗର ଦେହୁରୀ ରଜରେ ଗୀତ ପ୍ରତିଯୋଗିତାରେ ବିଜୟୀ ହୋଇ ଜୀବନ ସାଥୀ ବାଛିଛନ୍ତି। ସେ ୧୦ ବର୍ଷ ପୂର୍ବରୁ ଶୁଳିଆପଦା ବେତନା ଗାଁରୁ ରଜରେ ଗୀତ ପ୍ରତିଯୋଗିତାରେ ଭାଗ ନେଇ ଜିତି ଗ୍ରାମର ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ କବିତା ଦେହୁରୀଙ୍କୁ ବିବାହ କରି ଘରକୁ ଆଣିଥିଲେ। ଦୀର୍ଘ ୧୦ ବର୍ଷ ହେବ ସାଗର ଏବଂ କବିତା ଦୁହେଁ ବହୁତ ଖୁସିରେ ଜୀବନ ଯାପନ କରୁଥିଲେ। ତାଙ୍କର ଦୁଇଟି ଝିଅ ଓ ଗୋଟିଏ ମାତ୍ର ପୁଅ ଅଛନ୍ତି। ସାଗର ସୁନ୍ଦର ଗୀତ ଗାଇ ଝିଅ ଗୋଷ୍ଠୀଙ୍କୁ ହରାଇ କବିତାଙ୍କୁ ବାଛି ବିବାହ କରିଥିଲେ। ସେତେବେଳେ ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା। ତେବେ ଖଡ଼ିଆ ସମ୍ପ୍ରଦାୟର ଲୋକମାନଙ୍କ ଏହି ବିବାହ ବହୁ ପୁରାତନ କାଳରୁ ରହି ଆସିଛି। ଦୋଳିଗୀତରେ ପରାଜିତ ଯୁବକ ଯୁବତୀଙ୍କ ପସନ୍ଦ ହେଲେ ବିବାହ ବନ୍ଧନରେ ବାନ୍ଧି ହୋଇଥାନ୍ତି ଦୁହେଁ। ବାହାର ରାଜ୍ୟ ରଜପର୍ବକୁ ଧୁମଧାମରେ ପାଳନ କରୁଥିବା ବେଳେ ଏହି ପର୍ବକୁ ଆଦିମ ଖଡିଆ ଜନଜାତିର ଅବିବାହିତ ଯୁବକ ଯୁବତୀ ବର୍ଷସାରା ଅପେକ୍ଷା କରିଥାନ୍ତି। କାରଣ ଖଡିଆ ସମ୍ପ୍ରଦାୟରେ ରହିଛି ନିଆରା ପରମ୍ପରା। ପରମ୍ପରା ମୁତାବକ ଖଡିଆ ସମ୍ପ୍ରଦାୟ ଅବିବାହିତ ଯୁବକ ଯୁବତୀ ରଜଦୋଳି ବାଦୀଗୀତ ମାଧ୍ୟମରେ ଅନ୍ତାକ୍ଷରୀ ପ୍ରତିଯୋଗିତା ଗୀତରେ ଉଭୟ ଉଭୟଙ୍କୁ ହରାଇବାକୁ ଚେଷ୍ଟା କରନ୍ତି। ଯେଉଁ ପୁଅ ଯେଉଁ ଝିଅକୁ ହରାଏ ଅବା ଯେଉଁ ଝିଅ ଯେଉଁ ପୁଅକୁ ହରାଏ ଉଭଙ୍କ ବିବାହ ସ୍ଥିର ହୋଇଥାଏ ବୋଲି ସୁଦାମ ଦେହୁରୀ ପ୍ରକାଶ କରିଛନ୍ତି। ତେବେ ଚଳିତବର୍ଷ ବଡଜାମବଣିର ଖଡ଼ିଆସାହି ପଡ଼ିଆରେ ବେଶ୍ ଧୁମଧାମରେ ତିନି ଦିନ ଧରି ରଜପର୍ବ ପାଳିତ ହୋଇଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ କେନ୍ଦୁ ଛାଟିଆ, ବଡ଼ଜୁଡ଼, ଦାମଦରପୁରର ଜଳବଣିରୁ ଅବିବାହିତ ଯୁବକମାନେ ଆସି ଦୋଳି ଖେଳର ମଜା ନେବା ସାଙ୍ଗକୁ ବଡଜାମବଣିର ଝିଅମାନଙ୍କ ସହିତ ଗୀତ ପ୍ରତିଯୋଗିତା କରିଥିଲେ।



### ସୁବର୍ଣ୍ଣରେଖା କେନାଲ ନିର୍ମାଣରେ ଅନିୟମିତତା

## ଗ୍ରାମବାସୀଙ୍କ ଅଭିଯୋଗ ଶୁଣୁନି ବିଭାଗ; ତେଜୁଛି ଅସନ୍ତୋଷ



**ବଡସାହି, ୧୬।୬(ସମିସ)**

ବଡସାହି ବ୍ଲକ ଅଧୀନ ଶିଆଳିଘାଟୀ ପଞ୍ଚାୟତ ଭଞ୍ଜବାଟୀ ଓ ବାଘୁଆପାଳ ଗ୍ରାମ ମଧ୍ୟ ଦେଇ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ସୁବର୍ଣ୍ଣରେଖା କେନାଲ ଓ ଏହାର ଶାଖା କେନାଲ ନିର୍ମାଣରେ ଅନିୟିତତା ହୋଇଥିବା ନେଇ ଅଭିଯୋଗ ହେଉଛି। ଏ ନେଇ ଗ୍ରାମବାସୀ ଅଭିଯୋଗ କଲେ ବି କେହି ଶୁଣୁ ନାହାନ୍ତି। ଏହି କାର୍ଯ୍ୟରେ ଅଟକଳକୁ ଅଣଦେଖା କରାଯାଇ ନିମ୍ନମାନର କାର୍ଯ୍ୟ କରାଯାଉଛି। ନିମ୍ନମାନର ସିମେଣ୍ଟ, ରଡ, ଚିପ୍ସ ଓ ବାଲି ବ୍ୟବହାର କରାଯାଉଥିବା ବେଳେ ମୂଳ ଦୁଆ ଓ ଢଳେଇ କାର୍ଯ୍ୟରେ ଅନିୟମିତତା କରାଯାଉଛି। ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କୁ ଏ ସମ୍ପର୍କରେ ଅବଗତ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହାର ଶାଖା କେନାଲକୁ ଆବଶ୍ୟକୀୟ ସ୍ଥାନରେ କରାଯାଉ ନ ଥିବା ବେଳେ ଗ୍ରାମବାସୀଙ୍କ ଅଭିଯୋଗକୁ କେହି ଶୁଣୁ ନାହାନ୍ତି। ଫଳରେ ବାଘୁଆପାଳ ଗ୍ରାମର କିଛ ଜମି ଜଳସେଚିତରୁ ବଞ୍ଚିତ ହେବ ବୋଲି ସମ୍ଭାବନା ସୃଷ୍ଟି ହୋଇଛି। ଏହି ଗ୍ରାମରେ ମାତ୍ର ୨ଶହ ମିଟର ପାଖାପାଖି ଶାଖା କେନାଲ ନିର୍ମିତ ହୋଇଥିବା ବେଳେ ତଳ ଅଞ୍ଚଳରେ କିଛ ଜମି ରହିଯାଉଥିବାରୁ ଏହାକୁ ସମ୍ପ୍ରସାରଣ କରିବା ପାଇଁ ଗ୍ରାମବାସୀ ବାରମ୍ବାର ଅବଗତ କରିବା ପରେ ମଧ୍ୟ ବିଭାଗୀୟ ଅଧିକାରୀ ଓ ସମ୍ପୃକ୍ତ ଠିକାଦାର ଶୁଣୁ ନ ଥିବାର ଅଭିଯୋଗରୁ ଜଣାଯାଇଛି। ତେଣୁ ଗ୍ରାମରେ ଅସନ୍ତୋଷ ଦାନା ବାନ୍ଧୁଥିବା ବେଳେ ଏ ସମ୍ପର୍କରେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଭାଗୀୟ ଅଧିକାରୀ ଗ୍ରାମବାସୀଙ୍କ ଅଭିଯୋଗକୁ ଅଣଦେଖା କଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଅଭିଯୋଗକାରୀ ସଞ୍ଜୟ କୁମାର ଗିରି, ମଙ୍ଗଳ ସିଂ, ସୁମନ୍ତ କୁମାର ବିଶ୍ୱାଳ, ଶିରିଶ ଚନ୍ଦ୍ର ଗିରି ପ୍ରମୁଖ ଚେତାବନୀ ଦେଇଛନ୍ତି। ଜିଲ୍ଲାପାଳ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସୂଚନା ମିଳିଛି।







## ମା' ଶୀତଳାଙ୍କ ୪ ଦିନିଆ ପୂଜା ସମାପ୍ତ

**ବୈଶିଙ୍ଗା, ୧୬।୬ (ସମିସ):** ବୈଶିଙ୍ଗା ଥାନା ଅଧୀନ କେନ୍ଦୁଆ ଗ୍ରାମର କେନ୍ଦ୍ରସ୍ଥଳ ଶୀତଳା ମଣ୍ଡପରେ ଚଳିତ ବର୍ଷ ବୁଧବାର ଅପରାହ୍ନରେ ମା' ଶୀତଳାଙ୍କୁ ଶୋଭାଯାତ୍ରାରେ ଅଣାଯାଇ ମଣ୍ଡପରେ ସ୍ଥାପନା କରାଯାଇଥିଲା। ବିଧି ଅନୁଯାୟୀ ଅଧିବାସ, ଘଟ ଉତ୍ତୋଳନ, ସ୍ଥାପନ, ପଞ୍ଚୋପଚାର ପୂଜା ସମେତ ଯଜ୍ଞାଦି କର୍ମ କରାଯାଇ ପ୍ରତିଷ୍ଠା କରାଯାଇଥିଲା। ଦୈନନ୍ଦିନ ମହିଳା ଶ୍ରଦ୍ଧାଳୁମାନେ ପୂଜା ମଣ୍ଡପକୁ ଆସି ପୂଜାର୍ଚ୍ଚନା କରୁଥିବାବେଳେ ସନ୍ଧ୍ୟା ସମୟରେ ସଙ୍କୀର୍ତ୍ତନ ଟିମ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଏବଂ ଗ୍ରାମର ଯୁବ ପିଢିଙ୍କ ଦ୍ୱାରା ନାଚଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ରବିବାର ଶେଷ ଦିବସରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇ ଅନ୍ନଛତ୍ରରେ ପ୍ରସାଦ ସେବନରେ କରିଥିଲେ।

## ବାରିପଦା ସହରରେ ପୁଣି ଘରୁ ଚୋରି

**ବାରିପଦା, ୧୬।୬(ସମିସ):** ବାରିପଦା ସହରରେ ପୁଣି ଘରୁ ଚୋରି ହୋଇଛି। ଯାହାକି ପୁଲିସର ମୁଣ୍ଡବଥାର କାରଣ ସାଜିଛି। ବାରିପଦା ଟାଉନ ଥାନା ଅଞ୍ଚଳରେ ଶ୍ରୀପଦଗଞ୍ଜ ଅଞ୍ଚଳର ମନରଞ୍ଜନ ସିଂ ଘର ଲୋକଙ୍କ ଅନୁପସ୍ଥିତିରେ ଘର ତାଲା ଭାଙ୍ଗି ଚୋରି ହୋଇଥିବାର ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସେ ଶ୍ରୀପଦଗଞ୍ଜ ଅଞ୍ଚଳରେ ଗତ ଦୁଇ ବର୍ଷ ହେବ ଭଡା ସୂତ୍ରରେ ରହୁଛନ୍ତି। ସେ ନିଜ ପରିବାର ଲୋକଙ୍କ ସହିତ ଚନ୍ଦୁଆ ଥାନା ଅନ୍ତର୍ଗତ ନାଗ୍ରାଷୋଳ ଗ୍ରାମକୁ ଯାଇଥିଲେ। ତେବେ ଏହାର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ଘରର ସମ୍ମୁଖ ତାଲା ଭାଙ୍ଗି ଘରେ ପଶି କଳା କନା ବୁଲାଇଛନ୍ତି। ଘରେ ଆଲମୀରା ଥିବା ନଗଦ ୨୯ହଜାର ଟଙ୍କା ସମେତ ଅନେକ ସୁନା ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଆଦି ଚୋରି କରିଛନ୍ତି। ଏନେଇ ସେ ଘରକୁ ଫେରିବା ପରେ ଜାଣିଥିଲେ। ଏନେଇ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବାରିପଦା ସହରର ବିଭିନ୍ନ ଅଞ୍ଚଳରେ ଗତ ମାସେ ଉପର ହେବ ଘରେ ଚୋରି ହେଉଥିବାର ନେଇ ଅଭିଯୋଗ ହେଉଛି। ତେବେ ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



# ଆନନ୍ଦପୁରରେ ରଜ ମହୋତ୍ସବ ଉଦ୍‌ଯାପିତ



**ଆନନ୍ଦପୁର,୧୬।୬(ସମିସ):** ଉତ୍କଳୀୟ ପରମ୍ପରାର ଗଣପର୍ବ ରଜ ମହୋତ୍ସବ ୩ ଦିନ ଧରି ପାଳିତ ହୋଇଥିବା ବେଳେ ଆଜି ସନ୍ଧ୍ୟାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଉଦଯାପିତ ହୋଇଯାଇଛି। କଳା, ସାହିତ୍ୟ ଓ ସଂସ୍କୃତିର ପ୍ରାଣକେନ୍ଦ୍ର ଆନନ୍ଦପୁରର ବିଭିନ୍ନ ସ୍ଥାନରେ ରଜପର୍ବ ଆନନ୍ଦ ଉଲାସରେ ପାଳିତ ହୋଇଥିବା ବେଳେ ସ୍ଥାନୀୟ ବଡଦାଣ୍ଡଠାରେ ସାର୍ବଜନୀନ ରଜ ମହୋତ୍ସବରେ ଜନସମାଗମ ପରିଲକ୍ଷିତ ହୋଇଛି। ଏହି ଉପଲକ୍ଷେ ଉଦ୍‌ଯାପନୀ ସଭାରେ ରଜ କମିଟିର ସଭାପତି ମହେଶ୍ୱର ସାହୁଙ୍କ ସଂଯୋଜନାରେ ରଜ ମହୋତ୍ସବ କମିଟିର ସଂଯୋଜକ ମଦନ ପାଣି ସଭାକୁ ସଂଚାଳନ କରିଥିଲେ। ସମ୍ପାଦକ ଦେବରଞ୍ଜନ ସାହୁ ସମ୍ପାଦକୀୟ ବିବରଣୀ ପାଠ କରି ଓଡ଼ିଆ ଜାତିର ଗଣପର୍ବ ରଜ ମହୋତ୍ସବ ଭାଇଚାରା ସମ୍ପର୍କକୁ ଦୃଢ କରେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା, ସମ୍ମାନୀୟ ଅତିଥି ଭାବେ କଟକ ବାର୍ ଆସୋସିଏସନର ସଭାପତି ବିଜୟ କୁମାର ଦାଶ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିଳ୍ପପତି ତାରାରଞ୍ଜନ ପଟ୍ଟନାୟକ ଓ ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ଭାଗିରଥୀ ସେଠୀ ଓ ମାୟାଧର ଜେନା ଯୋଗ ଦେଇଥିଲେ। ଏହି ଅବସରରେ ଶିଳ୍ପପତି ଶ୍ରୀ ପଟ୍ଟନାୟକଙ୍କୁ ଆନନ୍ଦପୁର ମାଟିର ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଯୁଗ୍ମ ସମ୍ପାଦକ ଅଜୟ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଭୁବନେଶ୍ୱରର ସାଇସଙ୍ଗମ ଅର୍କେଷ୍ଟ୍ରା ପକ୍ଷରୁ ମେଲୋଡି ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଜୟ କୁମାର ମିଶ୍ର (କୁନି), ଭାଗରଥୀ ଦାଶ, ଅଜୟ ହୋତା, ନୀଳମାଧବ ସାହୁ, ପବିତ୍ର ମୋହନ ବେହେରା, ଅଶୋକ ସାହୁ, ମଦନ ପାଣି , ରାଜାପ୍ରଭୁ ଦାସ, ସନ୍ତୋଷ ଜେନା, ରଞ୍ଜନ ଜେନା, ଦୁଃଖବନ୍ଧୁ ମିଶ୍ର, ରବିନ୍ଦ୍ର ବାରିକ, ଆଶିଷ ବେହେରା, ଅଶୋକ ରାଉତ, ସୁଜିତ କୁମାର ସେଠୀ, ଅକ୍ଷୟ କୁମାର ସାମଲ, ସାଜନ ଜେନା, କୈଳାସ ନାୟକ, କାଳନ୍ଦୀ ରଣା, ଗୋପରଂଜନ ପାଣି, ଜଗମୋହନ ପତି, ଗୁରୁଚରଣ ପାଢୀ, ବାଇଧର ସେଠୀ, ଲଲାଟେନ୍ଦୁ ଧୀର, ବାପୁନ ମଲିକ, ମନୋଜ କୁମାର ସାହୁ ଓ ବାବୁନା ପଟ୍ଟନାୟକ , ଶ୍ରୀଧର ଦଳେଇ, ଇଂ ବିଶ୍ୱନାଥ ପ୍ରତାପ ଜେନା, ଇଂ. ଦିଲୀପ ସିଂ, ଦୟାନିଧି ଦାଶ, ରମାକାନ୍ତ ନାୟକ, ବିନୋଦ ବିହାରୀ ମିଶ୍ର, ଗଗନ ସିଂ, ପ୍ରଶାନ୍ତ କୁମାର ସାହୁ, ପ୍ରଶନ କୁମାର ମିଶ୍ର, ବିନୋଦ ଦାଶ, ମୁରଲୀଧର ମୀଶ୍ର ଓ ନିକୁଞ୍ଜ ବିହାରୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଗାଦିଗୋସେଇଁ ରଜ ମହୋତ୍ସବ ପରମ୍ପରାର ସ୍ୱତନ୍ତ୍ର ପରିଚୟ




**ଆନନ୍ଦପୁର,୧୬।୬(ସମିସ):** ପାରମ୍ପାରିକ ରଜ ମହୋତ୍ସବ ପାଳନ ପାଇଁ ବିଭିନ୍ନ ସ୍ଥାନରେ ବିଭିନ୍ନ ସଂଗଠନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥାଏ। ତିନିଦିନ ଧରି ପାଳିତ ହୋଇଆସୁଥିବା ଏହି ଗଣପର୍ବ ପୁରପଲ୍ଲୀକୁ ଉତ୍ସବ ମୁଖରିତ କରିଥାଏ। ଏହି କ୍ରମରେ ଆନନ୍ଦପୁର ପୌରପରିଷଦ ୭ନଂ ୱାଡର୍ ମଠବାଡ଼ିରେ ଗାଦିଗୋସେଇଁ ରଜ ଉତ୍ସବ କମିଟି ପକ୍ଷରୁ ରଜ ମହୋତ୍ସବ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ରଜ ପାଇଁ ଅନୁଷ୍ଠାନ ପକ୍ଷରୁ ପାରମ୍ପାରିକ ଦୋଳିର ବ୍ୟବସ୍ଥା ଗ୍ରହଣ କରିବା ସହିତ ସ୍ଥାନୀୟ କଳାକାରମାନଙ୍କ ପାଇଁ ଏଠାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ମାହୋଲ ଦେଖିବାକୁ ମିଳିଛି। ଦୀର୍ଘ ୨୫ବର୍ଷରୁ ଉଦ୍ଧ୍ୱର୍ ଧରି ପାଳିତ ହୋଇ ଆସୁଥିବା ଏହି ରଜ ଉତ୍ସବ ଛୋଟ ଠାରୁ ବଡ଼ମାନଙ୍କ ପାଇଁ ମନୋରଞ୍ଜନର ଖୋରାକ ସାଜିଛି। ଆୟୋଜକ କମିଟି ପକ୍ଷରୁ ପାରମ୍ପାରିକ କାଠରେ ପ୍ରସ୍ତୁତ ଦୋଳି ସହିତ ରାମ ଦୋଳି, ବ୍ରେକ୍‌ଡ୍ୟାନ୍ସ ଦୋଳି, ଚକିରି ଦୋଳି, ଜମ୍ପିଂ ଦୋଳି, ମିକିମାଉସ୍ ଦୋଳି ଭଳି ବିଭିନ୍ନ ପ୍ରକରର ଦୋଳିର ମଜ୍ଜା ଉଠାଉଛନ୍ତି ସ୍ଥାନୀୟ ପିଲାମାନେ। ବିଶେଷ କରି ଝିଅପିଲା ଓ ମହିଳାମାନଙ୍କ ପାଇଁ ମଠବାଡ଼ି ରଜ ଉତ୍ସବ ମନୋରଞ୍ଜନ ଯୋଗାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ କମିଟି ପକ୍ଷରୁ ମୀନା ବଜାର ବ୍ୟବସ୍ଥା ଗ୍ରହଣ କରାଯାଇଅଛି। ଦୋଳି ଖେଳ ସାଙ୍ଗକୁ ଚାଟ୍, ଗୁପ୍‌ଚୁପ୍, ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ଖାଇବାର ମଜ୍ଜା ଏଠାରେ ବେଶ୍ ନିଆରା ହୋଇଛି। ସନ୍ଧ୍ୟା ସମୟରେ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହେଉଥିବା ବେଳେ ଆୟୋଜିତ ସଭାରେ ଓଡ଼ିଶାର ବହୁ ନାମିଦାମୀ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଅତିଥି ରୂପେ ଉପସ୍ଥିତ ରହିବା ଦର୍ଶକମାନଙ୍କୁ ବେଶ୍ ଉତ୍ସାହିତ କରୁଛି। ଦୀର୍ଘ ବର୍ଷ ଧରି ଗାଦିଗୋସେଇ କମିଟିର ସମସ୍ତ କର୍ମକର୍ତ୍ତାଙ୍କ ଉଦ୍ୟମରେ ରଜ ମହୋତ୍ସବ ସ୍ୱତନ୍ତ୍ର ଭାବେ ପାଳନ ହୋଇ ଆସୁଥିବା ବେଳେ ଚଳିତ ବର୍ଷ କମିଟି ପକ୍ଷରୁ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା ଗ୍ରହଣ କରାଯାଇଥିବାରୁ ଆସୁଥିବା ଦର୍ଶକମାନେ ବେଶ୍ ଉତ୍ସାହିତ ରହିଛନ୍ତି। ଶାନ୍ତି ଶୃଙ୍ଖଳାରେ ଦୋଳିର ମଜ୍ଜା ଉଠାଇବା ସହିତ ମୀନା ବଜାରର ଭରପୁର ଉପଭୋଗ କରୁଥିବା ଦର୍ଶକମାନେ ପ୍ରକାଶ କରିଛନ୍ତି।

## ବାଙ୍ଗୋର ଓଏମ୍‌ସି ପଡ଼ିଆରେ ରଜ ମହୋତ୍ସବ



**ହାଟଡ଼ିହୀ,୧୬।୬(ସମିସ):** କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ ବାଙ୍ଗୋର ଓଏମସି ପଡ଼ିଆରେ ରଜ ମହୋତ୍ସବ ଖୁବ ଜାକଜମକରେ ପାଳନ ହେଉଛି। ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ଭାବେ ରଜପର୍ବଟିକୁ ୩ଦନ ଧରି ପାଳନ କରାଯାଉଥିଲା ବେଳେ ଲ, ଏଠାରେ ୪ଦିନ ପାଳନ କରାଯାଇଥାଏ। ଆଜକୁ ଦୀର୍ଘ ୧୧ବର୍ଷ ଧରି ଏହି ପାରମ୍ପରିକ ରଜପର୍ବଟିକୁ ଆନୁଷ୍ଠାନିକ ଭାବେ କମିଟିର ମଞ୍ଜୁଲତା ପାତ୍ର, ସୁକାନ୍ତି ପାତ୍ର, ପଦ୍ମିନୀ ନାଏକ, ନତା କ୍ଷେତ୍ରୀ, ପାକ ମାଝୀ, ମାନି ପୃଷ୍ଟି, ଶାନ୍ତିଲତା ମଲ୍ଲିକ, ସଭାପତି ଶତ୍ରୁଘନ ମହାରଣା, ସମ୍ପାଦକ ଦେବବ୍ରତ ପଡ଼ିଆରୀ, ବଳରାମ ବେହେରା, ବିଜୟ ପାତ୍ର, ଟୁକୁନା ପାତ୍ର, ବିଷ୍ଣୁପଦ ମହାରଣା, ଅନାଦି ପାତ୍ର, ନାରାୟଣ ପାତ୍ର, ବିଶ୍ୱମୋହନ ପୃଷ୍ଟି, ଭୀମସେନ ପାତ୍ର, ମୁନା ପାତ୍ର, ସନାତନ ପଲେଇ, ରବିନ୍ଦ୍ର ମାଝୀ, ସତ୍ୟରଞ୍ଜନ ପୃଷ୍ଟିଙ୍କ ସମେତ ପ୍ରାୟ ୫୦ରୁ ଊର୍ଦ୍ଧ୍ୱର୍ କମିଟି ସଦସ୍ୟ ନିଜସ୍ୱ ଅର୍ଥ ସହଯୋଗରେ ଏହାକୁ ପାଳନ କରିଥା'ନ୍ତି। ଏଠାରେ ୪ଦିନ ଧରି ବିଭିନ୍ନ ଦୋଳି ସହ ମୀନବଜାର ବସିଥାଏ। ଆଖପାଖ ଅଞ୍ଚଳରୁ ହଜାର ହଜାର ଯୁବକ-ଯୁବତୀ, ମହିଳା, ପୁରୁଷଙ୍କ ସମାଗମ ହୋଇଥାଏ। ବିଶେଷ କରି କୁନି କୁନି ଛୁଆଙ୍କ ପାଇଁ ଛୋଟ ଛୋଟ ଦୋଳି ବେଶ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ। ଦିନକୁ ଦିନ ଏହି ଖଣି ଅଞ୍ଚଳରେ ରଜ ଭଳି ପୁରାତନ ପର୍ବ ଲୁଚି ଯିବାକୁ ବସିଥିବା ବେଳେ ବାଙ୍ଗୋର ଓଏମସି ରଜ ମହୋତ୍ସବ କମିଟି ସଦସ୍ୟଙ୍କ ଆୟୋଜନରେ ଏହା ଖୁବ ସୁନ୍ଦର ଓ ନିଆରା ପରି ମନେହେଉଛି। ଏନେଇ ସମସ୍ତ କମିଟି ସଦସ୍ୟଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ନରସିଂହପୁର ଗ୍ରାମରେ ରଜରେ ନିଆରା ପରମ୍ପରା ଢିପାମାଡ଼



**ଆନନ୍ଦପୁର,୧୬।୬(ସମିସ):** କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ପାରମ୍ପରିକ ରୀତିନିତି ଅନୁସାରେ ରଜ ପର୍ବ ପାଳିତ ହେଉଥାଏ। ଘସିପୁରା ବ୍ଲକ ଅର୍ନ୍ତଗତ ଭଣ୍ଡାରିଡିହା ପଞ୍ଚାୟତ ନରସିଂହପୁର ଗ୍ରାମରେ ନିଆରା ଢଙ୍ଗରେ ପାଳନ ହେଉଥିବା ରଜକୁ ଢିପାମାଡ କୁହାଯାଏ। ଭଞ୍ଜ ସାହିତ୍ୟ ସହ ଏହି ଉତ୍ସବର ନିଆରା ସମନ୍ୱୟ ଏଠାରେ ଦେଖିବାକୁ ମିଳିଥାଏ। ପ୍ରଥମ ରଜରେ ଗ୍ରାମବାସୀ ଗ୍ରାମଦେବତୀ ମା' ମଙ୍ଗଳାଙ୍କ ପାଖରୁ ଆଜ୍ଞାମାଳ ନେଇ ଜଙ୍ଗଲରୁ ଜିଆ ବା କସିମୂଳା ନାମକ ଗଛ ନିକଟକୁ ଯାଇଥାନ୍ତି। ସେଠାରେ ପ୍ରଥମେ ଗଛମୂଳରେ ପୂଜା କରାଯାଏ। ଏହା ପରେ ଗଛ ମୂଳଠୁ କିଛି ହାତ ଉପରକୁ ଗଛର ବକଳ ଛଡାଯାଇ ସ୍ୱତନ୍ତ୍ର ଭାବେ ତିଆରି ଦଉଡିରେ ଗୁଡାଇ ମୂଳ ଗଛରୁ ତାକୁ ଅଲଗା କରାଯାଇଥାଏ। ଏହି ବକଳକୁ ଲୋକେ କାନ୍ଧେଇ ଗାଁ ଦାଣ୍ଡକୁ ଆଣିଥାନ୍ତି। ଏହା ପରେ ଦ୍ୱିତୀୟ ଦିନ ଏହି ଗଛକୁ ଗ୍ରାମଦେବତୀଙ୍କ ନିକଟରେ ପୂଜାର୍ଚ୍ଚନା କରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥାଏ। ଦୁଇଟି ଶିଶୁ ଗଛର କାଠି ସାହାଯ୍ୟରେ ପିଟି ପିଟି ଭଞ୍ଜ ସାହିତ୍ୟର ପ୍ରେମ ପ୍ରଣୟ ଭରା ଗୀତ ଗାନ କରି ଗ୍ରାମ ପରିକ୍ରମା କରାଯାଇଥାଏ। ଏହାକୁ ଢିପାମାଡ କୁହାଯାଏ। ଢିପାମାଡ କରୁଥିବା ବ୍ୟକ୍ତି ମୁଣ୍ଡରେ ଠେକା ବାନ୍ଧନ୍ତି ଏବଂ କେତେକ ମୁଣ୍ଡରେ ଡାଳ ବାନ୍ଧିଥାନ୍ତି। ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଏହି ଢିପାମଡରେ ସାମିଲ ହୋଇଥାନ୍ତି। ପରେ ପରେ ଏକ ଶୋଭାଯାତ୍ରାରେ ସେଣ୍ଡେଇ ନଦୀ ପୀଠରେ ଥିବା ଗ୍ରାମଦେବତୀଙ୍କ ପାଖକୁ ଯାଇଥାନ୍ତି। ଶେଷ ରଜ ଦିନ ପୂଣି ପୂଜା କରାଯିବା ପରେ ଢିପା ମାଡ ହୋଇଥାଏ। ଗ୍ରାମ ପରିକ୍ରମା କରାଯାଇ ନଦୀରେ ବିସର୍ଜନ କରାଯାଇଥାଏ। ମା' ମଙ୍ଗଳାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏଭଳି ପୂଜାର୍ଚ୍ଚନା କରାଯାଇଥାଏ। ଏହା ଦ୍ୱାରା ଚାଷ କାର୍ଯ୍ୟ ଓ ଗ୍ରାମର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଦୀର୍ଘ ବର୍ଷ ପୁରୁଣା ଗ୍ରାମର ଏହି ପରମ୍ପରାକୁ ସ୍ଥାନୀୟ ଲୋକେ ବେଶ୍ ଉତ୍ସାହର ସହ ପାଳି ଆସୁଛନ୍ତି।

## ବିଦ୍ୟୁତ ଆଘାତରେ ଛାତ୍ରଙ୍କ ମୃତ୍ୟୁ



**ଆନନ୍ଦପୁର,୧୬।୬(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ଇନ୍ଦୁପୁରା ଗ୍ରାମର କ୍ଷେତ୍ରବାସୀ ଜେନା ଓ ଅନିମା ଜେନାଙ୍କ ଏକମାତ୍ର ପୁଅ ଅନୁରାଗ ଜେନା(୨୦) ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଥିବା ଜଣାଯାଇଛି। ଯାଜପୁର ଜିଲ୍ଲା ଓସ୍ତପାଳ ଗ୍ରାମର ନିଜ ଘରକୁ ଅନୁରାଗ ବୁଲିବାକୁ ଯାଇଥିବା ବେଳେ ସେଠାରେ ଶୁକ୍ରବାର ଏକ ପୋଖରୀରୁ ମୋଟର ଲଗାଇ ମାଛ ଧରୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ଜଣାଯାଇଛି। ଅନୁରାଗ ଆନନ୍ଦପୁର ମହାବିଦ୍ୟାଳୟରେ ପାଠ ପଢୁଥିବା ବେଳେ ତାଙ୍କର ଅକାଳ ବିୟୋଗରେ ଇନ୍ଦୁପୁରା ଗ୍ରାମ ସମେତ ସହପାଠୀଙ୍କ ମଧ୍ୟରେ ଶୋକ ପ୍ରକାଶ ପାଇଛି।

## ପଞ୍ଚୁଗୋଛିଆରୁ ହରିଣ ଶାବକ ଉଦ୍ଧାର



**ଆନନ୍ଦପୁର,୧୬।୬(ସମିସ):** ଘସିପୁରା ବ୍ଲକ ଖାଲିଆମେଣ୍ଟା ପଞ୍ଚାୟତ ପଞ୍ଚୁଗୋଛିଆ ଗ୍ରାମରୁ ଏକ ହରିଣ ଛୁଆ ଉଦ୍ଧାର କରାଯାଇଛି। ସକାଳେ ବାଟବଣା ହୋଇ ହରିଣ ଶାବକ ଗାଁ ଭିତରକୁ ପଶି ଆସିଥିଲା। ଗ୍ରାମର ଯୁବକମାନେ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି।

## ଗାଡ଼ି ଧକ୍କାରେ ଜଣେ ମୃତ; ଜଣେ ଗୁରୁତର

**ଚମ୍ପୁଆ,୧୬।୬(ସମିସ):** କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ଅନ୍ତର୍ଗତ ରଘୁ ଆଳସାହି ନାରଦପୁର ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଥିବା ଜଣାଯାଇଛି। ମୃତକଙ୍କ ନାମ ରମେଶ ଚନ୍ଦ୍ର ବାରିକ ତାଙ୍କ ଘର ରାମଚନ୍ଦ୍ରପୁର ଠାରେ ବୋଲି ଜଣାଯାଇଛି। ସୂଚନା ଅନୁସାରେ ସକାଳ ୫ ବେଳେ ରାମଚନ୍ଦ୍ର ପ୍ରାତଃ ଭ୍ରମଣରେ ବାହାରିଥିବା ବେଳେ ରଘୁ ଆଳସାହି ନିକଟରେ ଅଜଣା ଗାଡି ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ଚମ୍ପୁଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିବା ସୂଚନା ମିଳିଛି। ସେହିପରି ଚମ୍ପୁଆ ଥାନା କଞ୍ଚନପୁର ଛକ ନିକଟରେ ଗୋଟିଏ ଟ୍ରେଲର ଗାଡି ଆଉ ଗୋଟିଏ ଟ୍ରେଲର ଗାଡି ପଛରେ ଧକ୍କା ଦେବାରୁ ଧକ୍କା ଦେଇଥିବା ଟ୍ରେଲରର ସମ୍ମୁଖଭାଗ ସଂପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ଗାଡିର ହେଲ୍‌ପର ସାମାନ୍ୟ ଆହତ ହୋଇଥିବା ଜଣାପଡିଛି।



## ଆନନ୍ଦପୁର ରକ୍ତଭଣ୍ଡାରରେ ରକ୍ତଦାନ

**ଆନନ୍ଦପୁର,୧୬।୬(ସମିସ):** ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ବିଶ୍ୱ ରକ୍ତଦାତା ଦିବସ ସପ୍ତାହ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡାକ୍ତରଖାନା ସଭାଗୃହରେ ଏକ ସମ୍ବର୍ଦ୍ଧନା ଓ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ଅମର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଧୀକ୍ଷକ ଡାକ୍ତର ଧନେଶ୍ୱର ସେଠୀ, ଡାକ୍ତର ଉଦୟ ଭାସ୍କର ପଣ୍ଡା, ଡାକ୍ତର କୃଷ୍ଣଚନ୍ଦ୍ର ଦାଶ, ଡାକ୍ତର ରବିନାରାୟଣ ସେନାପତି, ଡାକ୍ତର ଲକ୍ଷ୍ମୀଧର ନାୟକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ରକ୍ତଦାନର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ୪୯ ଥର ରକ୍ତଦାନ କରିଥିବା ଯୁବ ସମାଜସେବୀ ତାରିଣୀ ପ୍ରସାଦ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପରେ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ। ସୁଦର୍ଶନ ବେହେରା, ମୋନାଲିସା ପୁହାଣ, ଅଶୋକ କୁମାର ସୁର, ରବୀନ୍ଦ୍ର ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



## ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ଯୁବ ବିଜେଡି ସଭାପତି



**ଆନନ୍ଦପୁର,୧୬।୬(ସମିସ):** କେନ୍ଦୁଝର ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ରାକେଶ କୁମାର ରାମ ନୂତନ ଭାବେ ନିର୍ବାଚିତ ହୋଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଶ୍ରୀ ରାମ ମୁଖ୍ୟମନ୍ତ୍ରୀଙ୍କ ସହିତ ସାକ୍ଷାତ ଆଲୋଚନା କରି କେନ୍ଦୁଝର ଜିଲ୍ଲାର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦୁଝର ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ପଦବୀ ମିଳିଥିବାରୁ ଶ୍ରୀ ରାମ ଖୁସିବ୍ୟକ୍ତ କରି ଅଭିନନ୍ଦନ ଜଣାଇଥିଲେ।

## ପାଣି ପାଇଁ ସଂଘର୍ଷ ଘଟଣାରେ ୨ ଗିରଫ

**ବଡ଼ବିଲ, ୧୬।୬(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ତହସିଲ ଅନ୍ତର୍ଗତ ତିନି ନମ୍ବର ୱାର୍ଡରେ ପିଇବା ପାଣି ପାଇଁ ଘଟିଥିବା ଗୋଷ୍ଠୀ ସଙ୍ଘର୍ଷରେ ଦୁଇ ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ପାଣି ପାଇଁ ଦୁଇ ମହିଳା ଗୋଷ୍ଠୀ ମଧ୍ୟରେ ଗତ ଶନିବାର ବଡ଼ବିଲ ପୌରାଞ୍ଚଳ, ୩ ନମ୍ବର ୱାର୍ଡ, ଓଏମ୍‌ଡିସି କମ୍ପାନୀ ଅଧୀନରେ ଥିବା ଠାକୁରାଣୀ ଅଞ୍ଚଳରେ ପାନୀୟ ଜଳ ସଂଗ୍ରହ କରିବାକୁ ନେଇ ଦୁଇ ମହିଳା ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟଣାରେ ଉଭୟ ଗୋଷ୍ଠୀରୁ ୪ ଜଣଙ୍କୁ ପୁଲିସ ଅଟକ ରଖି ପଚାରୁଚୁରା କରୁଥିଲା। ତେବେ ଉକ୍ତ ଘଟଣାରେ ଆଜି ପୁଲିସ ବଡ଼ବିଲ ଥାନା ଠାକୁରାଣୀ ଅଞ୍ଚଳର ପ୍ରକାଶ ସାହୁ ଓ ତାଙ୍କ ପୁଅ ବିକି ସାହୁଙ୍କୁ ଗିରଫ କରିଥିବା ଜଣାପଡିଛି। ତେବେ ବଡ଼ବିଲ ପୁଲିସ ଉକ୍ତ ଘଟଣା ପରେ ଥାନା କେଶ ନଂ.୧୯୮/୨୪ ଓ ୧୯୯/୨୪ରେ ଉଭୟ ପକ୍ଷରୁ ଦୁଇଟି ମାମଲା ରୁଜୁ କରିଥିବା ବେଳେ ଆଜି ଗୋଟିଏ ପକ୍ଷରୁ ଦୁଇ ଜଣଙ୍କୁ ଗିରଫ କରିଥିବା ଜଣାପଡିଛି।

## ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଲା ସ୍କୁଟି ; ଆରୋହି ମୃତ

**ତୁରୁମୁଙ୍ଗା,୧୬।୬(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଦାମାହୁଦା ଏଏନଏମ୍ ସେଣ୍ଟର ନିକଟରେ ଶନିବାର ସନ୍ଧ୍ୟାରେ ଏକ ସ୍କୁଟି ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେବା ଫଳରେ ସ୍କୁଟି ଚାଳକଙ୍କର ମୃତ୍ୟୁହୋଇଛି। ମୃତକ ହେଲେ ପାଟଣା ଥାନା କେନ୍ଦୁଯୋଡ଼ା ଗ୍ରାମର ନାରାୟଣ ମାଝୀଙ୍କ ପୁଅ ସୁଦର୍ଶନ ମାଝୀ (୩୬)। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ରବିବାର ସାହାରପଡା ଫାଣ୍ଡି ପୁଲିସ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ଏନେଇ ପାଟଣା ଥାନାରେ ୨୪୧/୨୪ରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ ହୋଇଛି।

■ ମାସେ ହେଲା ରାସ୍ତା କଡ଼ରେ ଅଟକିଛି ବାଲି ବୋଝେଇ ଟ୍ରକ୍

## ଖରାରେ ଦହଗଞ୍ଜ ହେଉଛନ୍ତି ଡ୍ରାଇଭର, ହେଲ୍‌ପର

**ଆନନ୍ଦପୁର,୧୬।୬(ସମିସ):** ଚୋରାରେ ବାଲି ନେଉଥିବା ବେଳେ ପୁଲିସ ହାତରେ ଧରାପଡିଥିବା ଏକ ଘରୋଇ ଠିକାସଂସ୍ଥାର ୪ ହାଇୱା ଗତ ୧ ମାସ ହେବ ରାସ୍ତା କଡରେ ଠିଆ ହୋଇ ରହିଛି। ଫଳରେ ଏହାର ଡ୍ରାଇଭର, ହେଲ୍‌ପର ଅସହ୍ୟ ତାତିରେ ସନ୍ତୁଳିତ ହେଉଥିବା ଘଟଣାରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଥାନା ନିକଟରେ ଜାଗା ଅଭାବରୁ ଗାଡିଗୁଡିକ ରାସ୍ତା କଡ଼ରେ ଛିଡା ହୋଇ ରହିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଘରୁ ବାହାରିବା କଷ୍ଟକର ହେଉଥିବା ବେଳେ ୪ ଜଣ ଅଣଓଡିଆ ଚାଳକ ଗତ ପ୍ରାୟ ମାସେ ହେଲା ଖୋଲାଆକାଶ ତଳେ ଗାଡି ଗୁଡିକ ଜଗି ରହିଛନ୍ତି। ବିହାରର ବିଜେନ୍ଦ୍ର ସିଂ, ବିନୟ ସିଂ, ତାନିସ ଅଲ୍ଲୀ, ଅଜିମୁଲା ଖାଁ ବାଲେଶ୍ୱରରେ ଏକ ଠିକାସଂସ୍ଥାର ହାଇୱା ଚଳାଉଥିଲେ। ଗତ ମାସ ୧୬ ତାରିଖରେ ସେମାନେ ହାଇୱାରେ ଆନନ୍ଦପୁରର ଏକ ବାଲିଘାଟକୁ ବାଲି ବୋଝେଇ କରି ବାହାରୁଥିବା ସମୟରେ ଘସିପୁରା ପୁଲିସ ସେମାନଙ୍କ କାଗଜ ପତ୍ର ଯାଞ୍ଚ କରି ଗାଡିଗୁଡିକୁ ଅଟକ ରଖିଥିଲା। ଲଘୁଖଣିଜ ସମ୍ପଦ ଆଇନ ଅନୁସାରେ ଘସିପୁରା ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ଥାନା ପରିସରରେ ଜାଗା ନ ଥିବାରୁ ଗାଡିଗୁଡିକ ସ୍ଥାନୀୟ ଡଙ୍ଗାଘାଟ ନିକଟ ରାସ୍ତା କଡ଼ରେ ରଖାଯାଇଛି। ଗାଡ଼ି ଜବତ କରିବା ପରେ ପୁଲିସ ହେପାଜତରେ ରହିବା ପରିବର୍ତ୍ତେ ୪ ଜଣ ଡ୍ରାଇଭର ସେହିଦିନଠାରୁ ଗାଡ଼ି ଜଗି ରହିଛନ୍ତି। ଅସହ୍ୟ ଖରାରେ ଗାଡ଼ି ତଳେ ବାହାରେ ରୋଷେଇ କରି ଦିନ ବିତାଉଛନ୍ତି। କୋର୍ଟ ଖୋଲିଲେ ଗାଡ଼ି ଛଡା ହେବ ବୋଲି ମାଲିକ କହିଥିବାରୁ ସେମାନେ ମାସେ ହେଲା ଗାଡି ଜଗି ରହିଛନ୍ତି। ଦିନବେଳା ପ୍ରବଳ ଗରମ ହେଉଥିବାରୁ ସେମାନେ ନଇକୂଳରେ, ଗଛମୂଳେ ଆଶ୍ରୟ ନେଉଥିବା ଡ୍ରାଇଭର ଅଜିମୁଲା ପ୍ରକାଶ କରିଛନ୍ତି। ଘସିପୁରା ଥାନା ଅଧିକାରୀ ସୁନିଲ କୁମାର କର କହିଛନ୍ତି, ଗାଡ଼ି ଗୁଡିକ ଜବତ ହୋଇଥିବାରୁ ଏହା ପୁଲିସ ହେପାଜତରେ ରହିଛି। ରିଲିଜ ଅର୍ଡର ଆସିବା ପରେ ଗାଡିଗୁଡ଼ିକ ଛଡାଯିବ ବୋଲି ସେ ସୂଚନା ଦେଇଛନ୍ତି। ତେବେ ଡ୍ରାଇଭରମାନଙ୍କୁ ଗାଡିରେ ରହିବା ପାଇଁ ପୁଲିସ କହିନାହିଁ ବୋଲି ଥାନା ଅଧିକାରୀ ଶ୍ରୀ କର କହିଛନ୍ତି।



# ଧସେଇ ପଶିଲେ ୨୭ ଝାରଖଣ୍ଡୀ ହାତୀ



- ରାଜପଥ ଦେଇ ଅତିକ୍ରମ କଲେ ହାତୀପଲ
- ଘଣ୍ଟା ଘଣ୍ଟା ଧରି ଅଟକି ରହିଲା ଗାଡ଼ିମଟର

ତୁରୁମୁଙ୍ଗା, ୧୬।୬ (ସମିସ)

କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜକୁ ରବିବାର ସନ୍ଧ୍ୟାରେ ୨୭ ଟିକିଆ ଝାରଖଣ୍ଡୀ ହାତୀପଲ ଧସେଇ ପଶିଛନ୍ତି। ହାତୀପଲ କରଞ୍ଜିଆ ସେକ୍ସନ ଘୋଷଦା ଅଞ୍ଚଳରୁ ଆସି ଚଢେଇଭୋଳ ନିକଟରେ ୪୯ ନମ୍ବର ଜାତୀୟ ରାଜପଥ ଅତିକ୍ରମ କରି ପାଟଣା ରେଞ୍ଜର ତିଣ୍ଡା ବିଟକୁ ପ୍ରବେଶ କରି ଆତଙ୍କ ଖେଳାଇଛନ୍ତି। ହାତୀପଲ ରାଜପଥ ଅତିକ୍ରମ କରୁଥିବାରୁ ରାଜପଥର ଉଭୟ ପାର୍ଶ୍ୱରେ ଘଣ୍ଟା ଘଣ୍ଟା ଧରି ସହ ସହ ଗାଡିମଟର ଅଟକି ରହିବା ସହ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। ଲୋକଙ୍କ ଭିଡ଼ ଯୋଗୁଁ ଉଭୟ ତୁରୁମୁଙ୍ଗା ଓ ଚଢେଇଭୋଳ ଫାଣ୍ଡି ପୁଲିସ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିଥିଲେ। ହାତୀପଲ ଆସିବା ବାଟରେ ପଦ୍ମପୁର, ରେଙ୍ଗାଳ ଗୁଡା, ଝାଲିଆ ବେଡା, କଙ୍କଡା, ନୂଆଗାଁ ବୁଢ଼ୀକାପୁଡି ଅଞ୍ଚଳରେ ଫସଲ ମାଡି ଦଳି ନଷ୍ଟ କରିଛନ୍ତି। ଏବେ ହାତୀପଲ ରାଜନଗର ବୈତରଣୀ ନଦୀ ନିକଟର ଡେରା ପକାଇଛନ୍ତି। ଏହି ହାତୀପଲରେ ୯ଟି ଦନ୍ତା ହାତୀ ଥିବା ବେଳେ ୧୧ଟି ମାଇ ହାତୀ ଏବଂ ୭ଟି ଛୁଆ ହାତୀ ରହିଛନ୍ତି। ଏବେ ହାତୀପଲ ନିକଟରେ ଘୁରି ବୁଲୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନବିଭାଗ ଡାକବାଜି ଯନ୍ତ୍ର ସହାୟତାରେ ଲୋକଙ୍କୁ ସଚେତନ କରାଇବା ସହ ହାତୀପଲଙ୍କ ଗତି ବିଧି ଉପରେ ନଜର ରଖିଛି।

## ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ବେତନଟୀରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା



**ବେତନଟୀ, ୧୬।୬(ସମିସ):** ଓଡ଼ିଶାରେ ବିଜେପିର ନୂତନ ସରକାର ଗଠନ ସାଙ୍ଗକୁ ବିଭାଗ ବଣ୍ଟନପରେ ଗୃହ, ନଗର ଉନ୍ନୟନ ଓ ସାଧାରଣ ଅଭିଯୋଗ ବିଭାଗର କ୍ୟାବିନେଟ ପାହ୍ୟା ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଶପଥପାଠ ପରେ ପ୍ରଥମ ମୟୂରଭଞ୍ଜ ଗସ୍ତ ସମୟରେ ରବିବାର ଅପରାହ୍ନରେ ବେତନଟୀ ଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମଣ୍ଡଳ ସଭାପତି ରାଜକିଶୋର ଶାହାଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ପରେଶଚନ୍ଦ୍ର ମହାନ୍ତ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ ପରିଡ଼ା, ଓବିସିମୋର୍ଚ୍ଚା। ଜିଲ୍ଲାସଭାପତି ବ୍ରଜମୋହନ ବେହେରା, ମଣ୍ଡଳ ସମ୍ପାଦକ ଜୀବନ ପରିଡ଼ା, ଜିଲ୍ଲାପରିଷଦ ଜଗନ୍ନାଥ ମଲ୍ଲିକ, ଜଗବନ୍ଧୁ ପଣ୍ଡା, ଶିଶିର ବେହେରା, ସମାଜସେବୀ ନିରଞ୍ଜନ ମହାନ୍ତି, ତପସ୍ୱୀ ରାଉତ, ଆମ୍ଭେ-୮୩ ଅନୁଷ୍ଠାନ ପକ୍ଷରୁ ସତୀଶ କୁମାର ସାହୁ, ସଞ୍ଜୟ ଭୂୟାଁ, ରାଜେଶ ଖଣ୍ଡେଲୱାଲ, ବେତନଟୀ ବ୍ଲକ ସାମ୍ବାଦିକସଂଘର ବରିଷ୍ଠ ସଦସ୍ୟ ପ୍ରଦୀପ ମହାପାତ୍ର, ଚନ୍ଦ୍ରହାସ୍ୟ ପାଣିଗ୍ରାହୀ, ସୁଦର୍ଶନ ନାୟକଙ୍କ ସମେତ ଯୁବମୋର୍ଚ୍ଚା ଏବଂ ମହିଳାମୋର୍ଚ୍ଚାର ଶତାଧିକ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟ/ସଦସ୍ୟାଗଣ ଉପସ୍ଥିତ ରହିଥିଲେ। ଏହି ଅବସରରେ ଦଳ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ ଏବଂ ଉପାୟନ ପ୍ରଦାନ ପୂର୍ବକ କ୍ୟାବିନେଟ ମନ୍ତ୍ରୀ ଶ୍ରୀଯୁକ୍ତମହାପାତ୍ରଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଟ୍ରାଫିକ ନିୟନ୍ତ୍ରଣ ସାଙ୍ଗକୁ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବେତନଟୀ ଆଇଆଇସି ସସ୍ମିତା ମହାନ୍ତ ସଦଳବଳେ ଘଟଣାସ୍ଥଳରେ ଉପସ୍ଥିତ ଥିଲେ।

## କରଞ୍ଜିଆ ବନଖଣ୍ଡରେ ୨୯ଟିକିଆ ହାତୀପଲ

**କରଞ୍ଜିଆ, ୧୬।୬(ସମିସ):** କରଞ୍ଜିଆ ବନଖଣ୍ଡର ବିଭିନ୍ନ ସ୍ଥାନରେ ବର୍ତ୍ତମାନ ସୁଦ୍ଧା ୨୯ଟି ହାତୀ ରହିଛନ୍ତି। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। କେନ୍ଦୁଝର ବନଖଣ୍ଡ ଚମ୍ପୁଆ ବନାଞ୍ଚଳରୁ ବୈତରଣୀ ନଦୀ ପାର ହୋଇ ୨୭ ଟିକିଆ ଝାଡ଼ଖଣ୍ଡୀ ହାତୀପଲ ଆଜି ମଧ୍ୟରାତ୍ରରେ କରଞ୍ଜିଆ ବନାଞ୍ଚଳ ମଧ୍ୟରେ ପ୍ରବେଶ କରି ବର୍ତ୍ତମାନ ସିଙ୍ଗଡ଼ା ସେକ୍ସନ ଘୋଷଦା ସଂରକ୍ଷିତ ଜଙ୍ଗଲ (୨)ରେ ରହିଛନ୍ତି। ଏହି ୨୭ଟି ହାତୀପଲରେ ୯ଟି ଦନ୍ତା, ୧୧ଟି ମାଇ, ୭ଟି ଛୁଆ ରହିଛନ୍ତି। ଏହାଛଡ଼ା ଠାକୁରମୁଣ୍ଡା ବନାଞ୍ଚଳ ହାଣ୍ଡିଫୁଟା ସଂରକ୍ଷିତ ଜଙ୍ଗଲରେ ଗୋଟିଏ ଦନ୍ତା ଏବଂ ସାତକୋଶିଆ ବନାଞ୍ଚଳ ଗୋଡଭଙ୍ଗା ସେକ୍ସନ ସାତକୋଶିଆ ସଂରକ୍ଷିତ ଜଙ୍ଗଲ (୧ବି) ରେ ଗୋଟିଏ ଦନ୍ତା ରହିଛି। ଏହିପରି ମୋଟ୍ ୨୯ ଟି ହାତୀ ଏହି ବନଖଣ୍ଡରେ ରହିଛନ୍ତି। ତେବେ ବିଶେଷ ଭାବରେ ୨୭ଟି ଝାଡ଼ଖଣ୍ଡୀ ହାତୀପଲ ଏହି ଅଞ୍ଚଳରେ ପୂର୍ବରୁ ଅନେକ ସମୟରେ ବହୁଳ କ୍ଷୟକ୍ଷତି କରିଛନ୍ତି। ସେମାନଙ୍କ ଦ୍ୱାରା ବହୁ ଧନଜୀବନ ବିଗତ ଦିନରେ କ୍ଷୟକ୍ଷତି ହୋଇଛି। ତେଣୁ ଏହି ଅଞ୍ଚଳରେ ବସବାସ କରୁଥିବା ୩୦ରୁ ଅଧିକ ଗାଁ ଲୋକେ ଆଜି ଭୟଭୀତ ଓ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସେମାନେ ବର୍ତ୍ତମାନ ବୈତରଣୀ ନଦୀ ଉଭୟ ପାର୍ଶ୍ୱରେ ଲଗାଯାଇଥିବା ଖରାଟିଆ ଧାନ ଚାଷ ଏବଂ ପନିପରିବା ଚାଷ ଉପରେ ଲକ୍ଷ୍ୟ ରଖିଛନ୍ତି। ତେଣୁ ନିଜ ଫସଲକୁ ସେମାନଙ୍କ ନିକଟରୁ କିପରି ରକ୍ଷା କରିବେ ଚାଷୀମାନେ ଭୟଭୀତ ଓ ହତାଶ ହୋଇ ପଡ଼ିଛନ୍ତି।

### ଶେଷ ହେଲା ରଜ ମଉଜ

# ରଜସୁନ୍ଦରୀ ମୁକୁଟ ପିନ୍ଧିଲେ ଧୃତିପ୍ରଭା




**ରାମଚନ୍ଦ୍ରପୁର, ୧୬।୬(ସମିସ):** ଘସିପୁରା ବ୍ଲକ ଅଳତି ଗ୍ରାମରେ ବଡ଼ ଧୁମ୍‌ଧାମ୍‌ରେ ପାଳିତ ହେଉଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ତିନି ଦିନ ଧରି ପାଳିତ ହେଉଥିବା ରଜ ମହୋତ୍ସବର ଶେଷ ସନ୍ଧ୍ୟାରେ ଅନୁଷ୍ଠିତ ମେଲୋଡି ଏବଂ ଡ୍ୟାନ୍ସ ଯୁବପିଢ଼ି ଝୁମିବା ସହ ରଜକୁ ମନଭରି ଉପଭୋଗ କରିଥିଲେ। ମହିଳା ଓ କୁମାରୀ କନ୍ୟାମାନଙ୍କୁ ନେଇ ଅନୁଷ୍ଠିତ ମୁରୁଜ, ମ୍ୟୁଜିକ୍ ଚେୟାର, ନୃତ୍ୟ, ଶଙ୍ଖଫୁଙ୍କା, ହୁଳହୁଳି ଏବଂ ରଜସୁନ୍ଦରୀ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତି ପ୍ରତିଯୋଗିଙ୍କୁ ରଜ ମହୋତ୍ସବ କମିଟି ପକ୍ଷରୁ ପୁରସ୍କୃତ କରାଯାଇଥିଲା। ମୁରୁଜ ପ୍ରତିଯୋଗିତାରେ ଜ୍ୟୋସ୍ନାମୟୀ ଓଝା, ନିବେଦିତା ସାହୁ, ଆରତି ଭୂୟାଁ, ମ୍ୟୁଜିକ ଚେୟାର୍ ମହିଳା ବିଭାଗରେ ରୀତା ସାମଲ, ସସ୍ମିତା ପଟ୍ଟନାୟକ, ସୌଦାମିନୀ ନାୟକ, ରୁକମଣୀ କାଣ୍ଡି, ଜୁନିଅର ବିଭାଗରେ ଲିପିକା ନାୟକ, ପ୍ରିତିଛନ୍ଦା ବରାଳ, ଚିଙ୍କି ବେହେରା, ସେହିପରି ଶଙ୍ଖଫୁଙ୍କାରେ ମିନାରାଣୀ ନାୟକ, ମୋନାଲିସା ବାରିକ, ରକ୍ମଣୀ କାଣ୍ଡି, ହୁଳହୁଳିରେ ପ୍ରମିଳା ମହାରଣା, ସବିତା ସାହୁ, ସୁକାନ୍ତୀ ପାଣିଗ୍ରାହୀ ଏବଂ ଡ୍ୟାନ୍ସରେ ଫୋରକୁଇନ ଡ୍ୟାନ୍ସ ଗ୍ରୁପ, ରାକେଶ ପରିଡ଼ା, ଶୁଭଶ୍ରୀ ସାହୁ, ଜୁନିଅର ଡ୍ୟାନ୍ସରେ ପ୍ରିୟାନ୍ସି ପ୍ରିୟଦର୍ଶନୀ ସାହୁ, ଅନ୍ନପୂର୍ଣ୍ଣା ମହାରଣା, ଅଙ୍କିତା ସାହୁ ବିଜେତା ଭାବେ ପୁରସ୍କୃତ ହୋଇଥିଲେ। ଚଳିତ ବର୍ଷ ରଜସୁନ୍ଦରୀ ମୁକୁଟ ପିନ୍ଧିଛନ୍ତି ଧୃତିପ୍ରଭା ଭୋଇ। ମୁଖ୍ୟଅତିଥି ଭାବେ ବସନ୍ତ ମଞ୍ଜରୀ ଫାଉଣ୍ଡେସନ ପକ୍ଷରୁ ଡ.ରତିକାନ୍ତ ବରାଳ, ଚିତ୍ରଶିଳ୍ପୀ ହରେକୃଷ୍ଣ ମହାରଣା, ସଙ୍ଗୀତଜ୍ଞ ପ୍ରମୋଦକୁମାର ଓଝା, ପୂର୍ବତନ କ୍ରୀଡ଼ା ଶିକ୍ଷକ କାର୍ତ୍ତିକପ୍ରସାଦ ଶତପଥି, ସ୍ଥାନୀୟ ସରପଞ୍ଚ ପ୍ରିୟବ୍ରତ ବରାଳ, ସମିତିସଭ୍ୟା ଖୁଲଣା ବରାଳ ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗିଙ୍କୁ ପ୍ରଶଂସା ପତ୍ର ସହ ଅଙ୍ଗବସ୍ତ୍ର ଦେଇ ସମ୍ମାନୀତ କରିଥିଲେ। ଶେଷ ଦିବସରେ କଟକ ଡ୍ୟାନ୍ସ ଗ୍ରୁପ ମଞ୍ଚରେ ନୃତ୍ୟ ପରିବେଷଣ କରି ଉପସ୍ଥିତ ହଜାରହଜାର ଦର୍ଶକଙ୍କ ମନ ଜିଣିଥିଲେ।

**ପୁରସ୍କୃତ ହେଲେ ପ୍ରତିଭାବାନ୍ ମହିଳା ଓ କୁମାରୀ କନ୍ୟା**

## ବିଦ୍ୟୁତ୍ କାଟ୍ ଯୋଗୁଁ ତାତିଲେ ଲୋକେ

**ତୁରୁମୁଙ୍ଗା, ୧୬।୬(ସମିସ):** କେନ୍ଦୁଝର ଜିଲ୍ଲା କାଣିପଶି ଗ୍ରାମରେ ଶନିବାର ରାତ୍ରିରେ ବିଦ୍ୟୁତ୍ ମରାମତି କରୁଥିବା ସମୟରେ ଲୋକଙ୍କ ଟାଙ୍ଗିଆ ଚୋଟରେ ଲାଇନ୍‌ମ୍ୟାନ୍ ଗୟାଧର ମହାନ୍ତ, ମାନସ ମହାନ୍ତ ଓ ସୁପର ଭାଇଜର କହ୍ନେଇ ବେହେରା ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏନେଇ ବିଦ୍ୟୁତ ବିଭାଗ ପକ୍ଷରୁ ସଦର ଥାନାରେ ଅଭିଯୋଗ କରାଯାଇଥିବା ଯନ୍ତ୍ରୀ ଉମେଶ ଭୂୟାଁ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଅଞ୍ଚଳରେ ବିଦ୍ୟୁତ ସରବରାହରେ ବ୍ୟାହତ ଯୋଗୁଁ ଲାଇନ୍‌ମ୍ୟାନ୍ କାମ କରିବାକୁ ଯାଇଥିଲେ। ଅଘୋଷିତ ବିଦ୍ୟୁତ କାଟ ନେଇ ଲୋକେ ତାତି ଆକ୍ରମଣ କରିଥିବା ଯନ୍ତ୍ରୀ କହିଛନ୍ତି।

### ଦରଦାମ ନିୟନ୍ତ୍ରଣ ବାହାରେ ଖାଉଟି ସାମଗ୍ରୀ

# ଅହେତୁକ ଦରବୃଦ୍ଧିରେ ଲୋକେ ଛଟପଟ



**ବାରିପଦା, ୧୬।୬(ସମିସ):** ଗତ ସପ୍ତାହକ ମଧ୍ୟରେ ଖାଉଟି ସାମଗ୍ରୀର ଅହେତୁକ ଭାବେ ଦରଦାମ ବୃଦ୍ଧି ପାଇଛି। ପନିପରିବା ସମେତ ପିଆଜ, ଚାଉଳ, ଡାଲି ଓ ତେଲ ଆଦି ବର୍ଦ୍ଧିତ ଦର ତାତି ଖାଉଟିଙ୍କୁ କନ୍ଦାଇଲାଣି। ଚଳିତ ବର୍ଷ ଦର ବୃଦ୍ଧିକୁ ନେଇ ଖାଉଟି ଏଯାଏ ନିସ୍ତାର ପାଇନଥିବା ବେଳେ ପିଆଜ ଦରବୃଦ୍ଧି ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ଗତ ସପ୍ତାହକ ମଧ୍ୟରେ ପିଆଜ ଦର କିଲୋ ପିଛା ୧୦ରୁ ୨୦ ଟଙ୍କା ବୃଦ୍ଧି ପାଇଛି। ଖାଉଟି ବଜାରରେ ପିଆଜ କିଲୋ ପିଛା ୪୦/୪୫ ଟଙ୍କା ଦର ଛୁଇଁଛି। ହଠାତ ଦରଦାମ ବୃଦ୍ଧି ପାଇବା ଖାଉଟିଙ୍କ ପକେଟକୁ ମାଡ଼ କରୁଛି। ଗତ କିଛି ଦିନ ହେବ ବାରିପଦା ସହର ତଥା ଏହାର ଆଖପାଖ ଅଞ୍ଚଳରେ ଚାଉଳ ଦର କିଲୋ ପ୍ରତି ସର୍ବନିମ୍ନ ୩୦/୩୫ ଟଙ୍କା, ବାସୁମତୀ ଚାଉଳ ୧୧୦/୧୨୦ ରହିଛି। ସେହିପରି କିଲୋ ପ୍ରତି ଡାଲି ଦର ୧୩୦ ଟଙ୍କା, ଲିଟର ପ୍ରତି ସୋରିଷ ତେଲ ୧୫୦/୧୬୦, ରିଫାଇନ ତେଲ ୧୪୦ ଟଙ୍କା ରହିଛି। ଫଳରେ ଧୀରେ ଧୀରେ ହାଣ୍ଡିଶାଳରୁ ଗୋଟିଏ ପରେ ଗୋଟିଏ ସାମଗ୍ରୀ ଉଭାନ ହେବାରେ ଲାଗିଛି। ଏବେ ଦରଦାମ ଲୋକଙ୍କୁ ଧୀରେ ଧୀରେ କନ୍ଦାଇବା ଆରମ୍ଭ କରିଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବାରେ ଖାଉଟି କଲ୍ୟାଣ ବିଭାଗ ବିଫଳ ହୋଇଛି। ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରକାଶଥାଉ କି, ଗତ କିଛି ଦିନ ତଳେ ପିଆଜ କିଲୋ ୨୦ରୁ ୩୦ ଟଙ୍କାରେ ମିଳୁଥିଲାବେଳେ ବର୍ତ୍ତମାନ ପିଆଜ ଦର ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ବାରିପଦା ସହର ସମେତ ଜିଲ୍ଲାସାରା ପ୍ରାୟ ଆବଶ୍ୟକ ପରିମାଣର ପିଆଜ ଅମଳ ହେଉ ନ ଥିବାରୁ ପିଆଜ ପାଇଁ ବେଙ୍ଗାଲୁରୁର ଯୋଶବନ୍ତପୁର ଏବଂ ଦଶାନାପୁର, କର୍ଣ୍ଣାଟକର ବିଜାପୁର ଏବଂ ମହାରାଷ୍ଟ୍ରର ନାଶିକ ଏବଂ ଅହମ୍ମଦନଗରରୁ ପିଆଜ ଆମଦାନୀ ହୋଇଥାଏ; କିନ୍ତୁ ମହାରାଷ୍ଟ୍ରରୁ ସିଂହ ଭାଗ ପିଆଜ ଜିଲ୍ଲାକୁ ଆସିଥାଏ। ତେବେ ବର୍ତ୍ତମାନ ସମୟରେ ପିଆଜ ମଣ୍ଡି ଗୁଡ଼ିକ ଦର ଅନୁଯାୟୀ ଜିଲ୍ଲାରେ ପିଆଜ ଦର ବୃଦ୍ଧି ପାଇଛି ବୋଲି ବ୍ୟବସାୟୀ କହିଛନ୍ତି। ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀ ଦର ବୃଦ୍ଧିର ପ୍ରଭାବ ଗରିବ, ନିମ୍ନ ମଧ୍ୟବିତ୍ତ ପରିବାର ମୁଣ୍ଡରେ ଚଡକ ପକାଇଛି। ଆସନ୍ତା ଦିନରେ ପିଆଜ ଦର କମିବା ଆଶାକ୍ଷୀଣ ଥିବା ବେଳେ ଆହୁରି ବଢ଼ିବା ନେଇ ଆଶଙ୍କା ରହିଛି ବୋଲି ବ୍ୟବସାୟୀ ପ୍ରକାଶ କରିଛନ୍ତି। ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀ ଦର ବୃଦ୍ଧିର ପ୍ରଭାବ ସିଧାସଳଖ ରୋଷେଇ ହାଣ୍ଡିରେ ପଡ଼ିଛି। ପିଆଜ ନହେଲେ ଖାଦ୍ୟର ସ୍ୱାଦ ରହିବ ନାହିଁ। ତେଣୁକରି ଦର ବୃଦ୍ଧି ହେଲେ ମଧ୍ୟ ବାଧ୍ୟରେ ଲୋକେ ପିଆଜ କିଣୁଛନ୍ତି। ଏପରିକି ଦରଦାମ ବୃଦ୍ଧିକୁ ନେଇ ସାଧାରଣ ଖାଉଟି ହନ୍ତସନ୍ତ ହେଉଥିବା ବେଳେ ପ୍ରଶାସନ ମଧ୍ୟ ନୀରବ ଦ୍ରଷ୍ଟା ସାଜିଛି। ବର୍ତ୍ତମାନ ସମୟରୁ ପରିସ୍ଥିତି ଆୟତ ପାଇଁ ପଦକ୍ଷେପ ନନେଲେ ଆଗକୁ ସ୍ଥିତି ଆହୁରି ଜଟିଳ ହେବ। ତେଣୁକରି ଦରଦାମ ନିୟନ୍ତ୍ରଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଧ୍ୟାନ ଦେଇ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**କୁଆମରା, ୧୬।୬(ସମିସ):** ଖୁଣ୍ଟା ଥାନା ଅନ୍ତର୍ଗତ ଗିରିଶଚନ୍ଦ୍ର ପୁର ଗ୍ରାମର ଜଣେ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଭୀମ ମୁର୍ମୁ (୩୫)। ଭୀମ ଗତକାଲି ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ତୁକୁରା ଡାକ୍ତରଖାନା ଓ ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ବାରିପଦା ଡାକ୍ତରଖାନାକୁ ନିଆ ଯାଇଥିଲା; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ।

## ଗୁଲୁଦିପଶିରେ ଝୁମର ନୃତ୍ୟ ଓ ସଙ୍ଗୀତ ସମାରୋହ



**ଚମ୍ପୁଆ, ୧୬।୬(ସମିସ):** ଚମ୍ପୁଆ ବ୍ଲକ କାଶିପାଳ ପଞ୍ଚାୟତ ଅନ୍ତର୍ଗତ ଗୁଲୁଦିପଶି ଗ୍ରାମ ମନମୋହିନୀ ଯୁବକ ସଙ୍ଘ ପରିସରରେ ଗୁଲୁଦିପଶି ଭାଗବତ ଆସର କମିଟି ଓ ଗ୍ରାମବାସୀଙ୍କ ସହଯୋଗ ରେ ଝୁମର ନୃତ୍ୟ ଓ ସଙ୍ଗୀତ ସମାରୋହ ଏବଂ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଗବତ ଆସର କମିଟି ସଭାପତି କ୍ଷେତ୍ରବାସୀ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବ ସଭାରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ବୟଜ୍ୟେଷ୍ଠ ଶିକ୍ଷକ ଦୁର୍ଯ୍ୟୋଧନ ମହାନ୍ତ, ମୁଖ୍ୟବକ୍ତା ଭାବେ ସମାଜସେବୀକା, ସଂଗଠିକା, କବି ଅବନ୍ତୀ ମହାନ୍ତ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ, କବି କୈଳାସ ଚନ୍ଦ୍ର ତନ୍ତୀ, ଶିକ୍ଷକ ଯତୀନ୍ଦ୍ର ନାଥ ମହାନ୍ତ, ଅବସରପ୍ରାପ୍ତ ଶିକ୍ଷକ ପରମେଶ୍ୱର ମହାନ୍ତ, ତୁଳସୀରାମ ମହାନ୍ତ ପ୍ରମୁଖ ଯୋଗଦେଇ ସଂସ୍କୃତି, କଳାର ବିକାଶ ପାଇଁ ଗ୍ରାମ ସଂଗଠନର ଭୂମିକା ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦେବାକୁ ଦିଗଦର୍ଶନ ଦେଇଥିଲେ। ସାହିତ୍ୟ ଓ କଳା ଦୃଷ୍ଟିରୁ ଝୁମର ସଙ୍ଗୀତ ଶାସ୍ତ୍ରୀୟ ସଙ୍ଗୀତ ଠାରୁ ମଧ୍ୟ କମ ନୁହେଁ ବୋଲି ବ୍ୟକ୍ତ କରି ଏହା ଉପରେ ଅଧିକ ଗବେଷଣା ଆବଶ୍ୟକ କରେ ବୋଲି ବ୍ୟକ୍ତ କରିଥିଲେ। ଏହି ଅବସରରେ ଗ୍ରାମ ତଥା ଅଞ୍ଚଳ ପାଇଁ ଗୌରବ ଆଣିଥିବା କୃତି ବ୍ୟକ୍ତିତ୍ୱ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଡାଳିମ୍ବ ଦେଇ, ଅବସରପ୍ରାପ୍ତ ଖେଳଶିକ୍ଷକ ତଥା ପରିବେଶବିତ ପରମେଶ୍ୱର ମହାନ୍ତ, ଯୁବ ସମାଜସେବୀ ସ୍ୱର୍ଗତ ତରଙ୍ଗ ମହାନ୍ତଙ୍କ ପିତା କିଶୋର ଚନ୍ଦ୍ର ମହାନ୍ତ, ମାତା ଗୋଲାପମଣି ମହାନ୍ତଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ଯୁବ ଭାଷ୍ୟକାର ଚୌଧୁରୀ ତନ୍ତୀ ସଂଯୋଜନା କରିଥିବା ବେଳେ ସମ୍ପାଦକ ଦିବାକର ମହାନ୍ତ ପରିଚାଳନା କରିଥିଲେ। ଝୁମର ସଙ୍ଗୀତ, ନୃତ୍ୟ ଉପଭୋଗ କରିବାପାଇଁ ଗ୍ରାମ ତଥା ଅଞ୍ଚଳରୁ ହଜାର ହଜାର ପୁରୁଷ, ମହିଳା, ଆବାଳ ବୃଦ୍ଧ ବନିତାଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା।

### ନେପାଳରୁ ଓଡ଼ିଆ ଯୁବତୀଙ୍କୁ ଉଦ୍ଧାର କଲା ବିଶୋଇ ପୁଲିସ

# ଅପହରଣ ନେଇ ଅଭିଯୋଗ କଲେ ପରିବାର

ବିଶୋଇ, ୧୬।୬ (ସମିସ)

ରୋଜଗାର କରିବା ପାଇଁ ମୟୂରଭଞ୍ଜ ଜିଲ୍ଲାର ଜଣେ ଶିକ୍ଷିତ ଯୁବତୀ ବାହାର ରାଜ୍ୟକୁ ଯାଇଥିଲେ; ମାତ୍ର ସେଠାରେ ନେପାଳର ଜଣେ ଯୁବକ ସହିତ ପ୍ରେମ ସମ୍ପର୍କ ଗଢି ଉଠିବାରୁ ତାଙ୍କୁ ବିବାହ କରି ନେପାଳକୁ ପଳାଇଥିଲେ। ମାତ୍ର ଯୁବତୀର ପରିବାର ଲୋକେ ଅଭିଯୁକ୍ତ ନେପାଳ ଦେଶର ଯୁବକଙ୍କ ବିରୋଦରେ ଅପହରଣ ଅଭଯୋଗ କରିବା ପରେ ବିଶୋଇ ପୁଲିସ ନେପାଳରୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ଅଭିଯୁକ୍ତ ଯୁବକ ଜଣଙ୍କ ହେଲେ ନେପାଳ ଦେଶର ସାରଲାହି ଜିଲ୍ଲା ବେଲବଂଶ ଥାନାର କରମୁହାଁଣ ଗ୍ରାମର ସିୟାରାମ ମାଠ (୨୯)। ଉଦ୍ଧାର ହୋଇଥିବା ଯୁବତୀ ଜଣକ ବିଶୋଇ ଥାନା ଅଞ୍ଚଳର ୨୫ ବର୍ଷୀୟ ଯୁବତୀ ନମିତା (ଛଦ୍ମନାମ)। ସୂଚନାଯୋଗ୍ୟ କି, ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅଞ୍ଚଳର ଉକ୍ତ ଯୁବତୀ ଜଣଙ୍କ ନିଜର ଯୁକ୍ତ ୩ ସାରିବା ପରେ ଚାକିରୀ କରିବା ପାଇଁ ମନ ବଳାଇଥିଲେ। ପରେ ଉକ୍ତ ଯୁବତୀ ଜଣଙ୍କ ନିଜ ଗ୍ରାମର ଅନ୍ୟ ଜଣେ ଯୁବତୀଙ୍କ ସଂସ୍ପର୍ଶରେ ଆସି ସିଲାଇ ଶିକ୍ଷା ଗ୍ରହଣ ପାଇଁ ଭୁବନେଶ୍ୱରର ଜଟଣୀ ସ୍ଥିତ ଏକ ସଂସ୍ଥାରେ ଆଡ଼ମିଶନ ହୋଇଥିଲେ। ଦୁଇ ମାସ ସିଲାଇ ଟ୍ରେନିଂ ସମାପ୍ତ ପରେ ଉକ୍ତ ଯୁବତୀ ଜଣଙ୍କ ଗତବର୍ଷ ନଭେମ୍ବର ମାସରେ ତାମିଲନାଡୁ ରାଜ୍ୟରେ ତ୍ରିପୁର ଅଞ୍ଚଳରେ ଚାକିରୀ କରିବା ପାଇଁ ଯାଇଥିଲେ। ଚାକିରି କରିବାର ୩ ମାସ ସମୟ ସବୁ ଠିକଠାକ ଚାଲିଥିଲା। ମାତ୍ର ପରବର୍ତ୍ତୀ ସମୟରେ ନମିତାଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବା ପାଇଁ ଯେତେ ଚେଷ୍ଟା କରିଥିଲେ ସୁଦ୍ଧା ନମିତାଙ୍କ ଫୋନ ସୁଇଚ ଅଫ୍ ରହୁଥିଲା। ପରେ ନିମତାଙ୍କ ପରିବାର ଲୋକଙ୍କ ମନରେ ସନ୍ଦେହ



ସୃଷ୍ଟି ହେବାରୁ ନମିତାଙ୍କ ପରିବାର ଲୋକେ ଭୁବନେଶ୍ୱରର ଜଟଣୀ ସ୍ଥିତ ଟ୍ରେନିଂ ସଂସ୍ଥାକୁ ଯାଇ ପଚାରାଉଚରା କରିଥିଲେ। ବିହାର ରାଜ୍ୟର ସାନବାର୍ଷା ଅଞ୍ଚଳର ସିୟାରାମ ମାଠଙ୍କ ସହିତ ନମିତା ପଳେଇଥିବା ନେଇ ଜାଣି ପାରିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ଯୁବତୀଙ୍କ ପରିବାର ଲୋକେ ଗତ ଏପ୍ରିଲ ୨୫ ତାରିଖରେ ନିଜ ଝିଅକୁ ସିୟାରାମ ମାଠ ବିବାହ ପ୍ରଲଭନ ଦେଖାଇ ଅପହରଣ କରିଥିବା ନେଇ ବିଶୋଇ ଥାନାରେ ଅଭଯୋଗ କରିଥିଲେ। ଯୁବତୀଙ୍କ ପରିବାର ଲୋକଙ୍କ ଅଭଯୋଗକୁ ଭିତ୍ତି କରି ବିଶୋଇ ଥାନାରେ କେସ ନଂ ୮୦/୨୦୨୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ମୟୂରଭଞ୍ଜ ଏସ୍.ପି ଙ୍କ ନିର୍ଦ୍ଦେଶକ୍ରମେ ବିଶୋଇ ଥାନା ଅଧିକାରିଣୀ ମିନି ଭୋଇଙ୍କ ତତ୍ତ୍ୱାବଧାନରେ ଥାନା ଏ.ଏସ୍.ଆଇ ଏସ୍.କେ ଧଳଙ୍କ ନେତୃତ୍ୱରେ ବିଶୋଇ ପୁଲିସର ଏକ ସ୍ୱତନ୍ତ୍ର ଟିମ ଗଠନ ହୋଇଥିଲା। ବିହାର ରାଜ୍ୟରେ ସିୟାରାମଙ୍କ ଭଉଣୀ ଛବିଳି ମାଠ ଘରେ ନମିତାଙ୍କୁ ଛାଡ଼ି ଦେଇ ସିୟରାମ ତାମିଲନାଡୁ ପଳେଇ ଥିବାର ଜଣା ପଡ଼ିଥିଲା। ମାତ୍ର ପରବର୍ତ୍ତୀ ସମୟରେ ଛବିଳି ନମିତାଙ୍କୁ ନେପାଳ ରେ ଛାଡି ଦେଇଥିଲେ। କୌଣସି ବିଶେଷସୂତ୍ରରୁ ଖବରପାଇ ପୋଲିସ ପ୍ରଥମେ ବିହାର ରାଜ୍ୟରେ ଥିବା ସିୟାରାମଙ୍କ ଭଉଣୀ ଛବିଳି ଘରକୁ ଯାଇଥିଲା ମାତ୍ର ସେଠାରେ ନମିତାକୁ ପାଇ ପାରିନଥିଲା। ପରେ ବିଶୋଇ ପୁଲିସ ତାମିଲନାଡୁକୁ ପହଞ୍ଚି ଅଭିଯୁକ୍ତ ସିୟାରାମକୁ ପ୍ରଥମେ ଗିରଫ କରି ୧୨ ତାରିଖରେ ବିଶୋଇ ଥାନାକୁ ଆଣିଲା ପରେ ରାଇରଙ୍ଗପୁର କୋର୍ଟ ଚାଲାଣ କରିଥିଲା। ମାତ୍ର ଆଜି ସିୟାରାମକୁ କୋର୍ଟରେ ଜାମିନ ମିଳିବା ପରେ ସିୟରାମ ଥାନାରେ ଅଟକ ରହିଛନ୍ତି। ସେହିପରି ନେପାଳ ପୁଲିସ ସହାୟତାରେ ବିଶୋଇ ପୁଲିସ ଟିମ ନମିତାଙ୍କୁ ସିୟରାମଙ୍କ ପୈତୃକ ଘର ନେପାଳରୁ ଉଦ୍ଧାର କରି ୧୬ ତାରିଖରେ ବିଶୋଇ ଥାନାକୁ ଆଣିଥିଲେ। ଆଜି ନମିତାଙ୍କୁ ଅଧିକ ପଚରାଉଚରା ପାଇଁ କୋର୍ଟ ଚାଲାଣ କରାଯାଇଛି। ନମିତା ତାମିଲନାଡୁର ତ୍ରିପୁରରେ ଚାକିରୀ କରୁଥିବା ସମୟରେ ସିୟାରାମ ମଧ୍ୟ ସେହି ଅଞ୍ଚଳରେ ଏକ ଘରୋଇ କମ୍ପାନୀରେ ଚାକିରି କରୁଥଲେ। ସେହି ସମୟରେ ଉଭୟ ସଂସ୍ପର୍ଶରେ ଆସି ପ୍ରଥମେ ପ୍ରେମ ଓ ପରେ ବିବାହ କରିଥିବା ନେଇ ନମିତା କହିଛନ୍ତି। ସେହିପରି ନମିତା ସ୍ୱଇଚ୍ଛାରେ ସିୟରାମ ସହିତ ଯାଇଥିବା କହିଛନ୍ତି। ମାତ୍ର ନମିତାଙ୍କ ପରିବାର ଲୋକେ ସିୟାରାମଙ୍କ ବିରୋଧରେ ଅପହରଣ ଓ ବିବାହ ପ୍ରଲୋଭନ ପ୍ରତାରଣା ଅଭଯୋଗ କରିଛନ୍ତି।

## ରଜ ପାଇଁ ଛେଳି ଚୋରିକରି ୩ ଗିରଫ

**ତୁରୁମୁଙ୍ଗା, ୧୬।୬(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ପୁଲିସ ଛେଳି ଚୋରି ଅଭିଯୋଗରେ ୩ ଚୋରଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଛେଳି ଚୋର ହେଲେ ସଦର ଥାନା ଠାକୁର ପାଟଣା ଗ୍ରାମର ସପନ କୁମାର ପହି(୩୨), ପାଟଣା ଥାନା ଉଦୟପୁର ଗ୍ରାମର ସତ୍ୟପ୍ରିୟ ପହି (୫୭) ଏବଂ ଅଶୋକ କୁମାର ମହାପାତ୍ର (୪୫)। ସୂଚନା ଅନୁଯାୟୀ ଗଦଗଦି ଗ୍ରାମର ଦଶରଥ ମହାନ୍ତଙ୍କ ଛେଳି ରାସ୍ତାରେ ଚରୁଥିବା ୩ ଜଣ ଏକ କଳା ଗାଡ଼ିରେ ଆସି ଚୋରି କରି ନେଇ ଉଦୟପୁର ଅଭିମୁଖେ ଯାଉଥିବା ବେଳେ ସ୍ଥାନୀୟ ଲୋକେ ପିଛା କରି କାର୍, ଛେଳି ଓ ୩ ଚୋରଙ୍କୁ କାବୁ କରି ପୁଲିସ ଜିମା ଦେଇଥିଲେ। ଘଟଣାର ତଦନ୍ତ କରି ପୁଲିସ ୩ ଜଣଙ୍କୁ ଗିରଫ କରିବା ସହ ଚୋରିରେ ବ୍ୟବହୃତ ହୋଇଥିବା କାର୍‌କୁ ଜବତ କରିବା ସହ ପାଟଣା ଥାନାରେ ୨୩୮/୨୪ରେ ଏକ ମାମଲା ରୁଜୁ ହୋଇଛି।

## ଆନନ୍ଦପୁର ବ୍ରାହ୍ମଣ ମହାସଭାର ଷଷ୍ଠ ଅଧିବେସନ

**ଆନନ୍ଦପୁର, ୧୬।୬(ସମିସ):** ଆନନ୍ଦପୁର ଉପଖଣ୍ଡସ୍ତରୀୟ ବ୍ରାହ୍ମଣ ମହାସଭାର ଷଷ୍ଠ ଅଧିବେସନ ଆଜି ଶାଳପଡ଼ାସ୍ଥିତ ଶ୍ରୀଶ୍ରୀ ହନୁମାନଜୀଉଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାସଭାର ସଭାପତି ପୁରୁଷୋତ୍ତମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆଇନଜୀବୀ ଭାଗିରଥୀ ଦାଶ ଉପସ୍ଥିତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହିତ ସୂଚନା ପ୍ରଦାନ କରିଥିଲେ। ଏହି ସଭାରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଶାସନରୁ ମନୋନୀତ ହୋଇଥିବା ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ସମାବେଶରେ କେନ୍ଦୁଝର ବ୍ରାହ୍ମଣ ମହାସଭାରେ ଆଲୋଚନା ହୋଇଥିବା ସାଂଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ମହାସଭାର ଉପଦେଷ୍ଟା ଆଇନଜୀବୀ ଚିତ୍ତରଞ୍ଜନ ଦାଶ, ଶରତ ଚନ୍ଦ୍ର ମିଶ୍ର, ମଦନ ମୋହନ ମିଶ୍ର ମହାସଭାର ପଞ୍ଜୀକରଣ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକାରୀ ସଭାପତି ଶାନ୍ତନୁ କୁମାର ମିଶ୍ର ଓ ସାଧାରଣ ସମ୍ପାଦକ ଦେବେନ୍ଦ୍ର ମିଶ୍ର ରାଜ୍ୟ ମହାସଭା ସହିତ ଆଲୋଚନା କରି ଆଗାମୀ ଦିନର କାର୍ଯ୍ୟପନ୍ଥା ସ୍ଥିର କରିବାକୁ ନିଷ୍ପତି ନିଆଯାଇଥିଲା। ଶେଷରେ ସଂଯୋଜକ ମଦନ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଗୟାଧର ପତି, ବୃନ୍ଦାବନ ଷଡ଼ଙ୍ଗୀ, ଜଗନ୍ନାଥ କର, ଶଙ୍କର୍ଷଣ ଦାଶ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଝଡ଼ବର୍ଷାରେ ଗଛ ଭାଙ୍ଗି ଟ୍ରକ୍ କ୍ଷୟକ୍ଷତି

**ହାଟଡ଼ିହୀ, ୧୬।୬(ସମିସ):** ଶନିବାର ସନ୍ଧ୍ୟାରେ ଅଚାନକ ମାଡ଼ି ଆସିଥିବା ତୀବ୍ର ଘୂର୍ଣ୍ଣିଝଡ଼ ସକାଶେ ହାଟଡ଼ିହୀ ଅଞ୍ଚଳର ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ହୋଇଛି। ବାଲିବରେଇ ସଂସ୍କୃତ ଟୋଲ ସ୍କୁଲ ନିକଟରେ ଠିଆ ହୋଇଥିବା ନମ୍ବର ଓଡି୧୬-ଏଫ୍-୮୪୧୧ ନମ୍ବର ବିଶିଷ୍ଟ ଏକ ୧୨ଚକିଆ ଟ୍ରକ୍ ଉପରେ ବିରାଟକାୟ ଗଛର କିଛି ଅଂଶ ଭାଙ୍ଗି ପଡ଼ିବାରୁ ଟ୍ରକଟିର ଅନେକ କ୍ଷୟକ୍ଷତି ହୋଇଛି। ଏହାର କ୍ଷତିପୂରଣ ପାଇବା ନେଇ ଟ୍ରକ୍ ମାଲିକ ପ୍ରଶାସନକୁ ଦାବି କରିଛନ୍ତି।

# ଜାମଶୁଳି ବିଦ୍ୟୁତ୍ ସେକ୍ସନରେ ଅଘୋଷିତ ବିଜୁଳି କାଟ୍

ରାଜଘାଟ, ୧୬।୬ (ସମିସ) :

ସିଂଲା ଥାନା ଅନ୍ତର୍ଗତ ଜାମଶୂଳି ବିଦ୍ୟୁତ ସେକ୍ସନରେ ମନ ଇଛା ବିଦ୍ୟୁତ କାଟ ସମସ୍ୟା ଉପଭୋକ୍ତାଙ୍କ ଦୁର୍ଦ୍ଦଶା ବଢ଼ାଇଛି। ବିଦ୍ୟୁତ ବିଭାଗର ଖାମଖିଆଲି ନୀତି ଓ ମନମୁଖୀ କାର୍ଯ୍ୟ ଯୋଗୁଁ ଉପଭୋକ୍ତା ମହଲରେ ଅସନ୍ତୋଷ ଲାଗିରହିଛି। ପ୍ରବଳ ଗରମ ଓ ଅସହ୍ୟ ଗୁଳୁଗୁଳି ସତ୍ତ୍ୱେ ଘନ ଘନ ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ଲୋକେ ହଇରାଣ ହରକତ ହେଉଥିବା ପରିଲକ୍ଷିତ ହୋଇଛି। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଉପଭୋକ୍ତାମାନେ ଜୋରଦାର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଏହି ବିଦ୍ୟୁତ ସେକ୍ସନ ଅନ୍ତର୍ଗତ ସିଂଲା, ପାଉଁଶକୁଳି, ମୁକୁଳିସି, ନାଇଖୁଡି



**● ଆନ୍ଦୋଳନ ଚେତାବନୀ ଦେଲେ ଉପଭୋକ୍ତା**

-୧, ନାଇଖୁଡି -୨, ଖପରପଦା, ସୀତାଡିହା ଓ ମାଛରଙ୍କା ଆଦି ୮ଟି ଫିଡ଼ର ରହିଛି। ଖପରପଦା ଫିଡ଼ରରୁ ବାଲିଆପାଳ ଓ ସୀତାଡିହା, ମାଛରଙ୍କା ଫିଡ଼ରରୁ ରାଜଘାଟ ସେକ୍ସନକୁ ସଂଯୋଗ ଦିଆଯାଇ ବିଦ୍ୟୁତ ସେବା ଯୋଗାଣ ହୋଇଛି। ଏବେ ପ୍ରବଳ ଗରମ ଓ ଅସହ୍ୟ ଗୁଳୁଗୁଳି ସତ୍ତ୍ୱେ ମରାମତି ନାଁରେ ବିଭିନ୍ନ ଫିଡ଼ରରେ ଘନ ଘନ ବିଦ୍ୟୁତ କାଟ ସମସ୍ୟା ଲାଗିରହିଛି। ଫଳରେ ଏହି ବିଦ୍ୟୁତ ସେକ୍ସନ ଅଧୀନ ପ୍ରାୟ ୧୫ ହଜାର ଉପଭୋକ୍ତା ହନ୍ତସନ୍ତ ହେଉଛନ୍ତି। ଅଧିକାଂଶ ସମୟରେ ତାଡଦା, ଗମ୍ଭାରିଆ ଓ ପାଉଁଶକୁଳି ଅଞ୍ଚଳରେ ରାତି ଦିନ ଘଣ୍ଟା ଘଣ୍ଟା ବିଦ୍ୟୁତ କାଟ ହେଉଥିବା ଅଭିଯୋଗ ହୋଇଛି।୨୪ ଘଣ୍ଟା ବିଦ୍ୟୁତ ସେବା ଯୋଗାଇ ଦିଆଯିବାର ସରକାରୀ ନିର୍ଦ୍ଦେଶନାମା ରହିଥିବାବେଳେ ବିଦ୍ୟୁତ ବିଭାଗର ଖାମଖିଆଲି ନୀତି ପାଇଁ ଉପଭୋକ୍ତା ମହଲରରେ ଉତ୍ତେଜନା ଲାଗିରହିଛି।

ଏ ସମ୍ପର୍କରେ ଜାମଶୁଳି ବିଦ୍ୟୁତ ସେକ୍ସନ ଜେଇ ରବୀନ୍ଦ୍ର ନାୟକଙ୍କୁ ପଚରାଯିବାରୁ ଯେଉଁ ଫିଡ଼ରରେ ଆବଶ୍ୟକ ମୁତାବକ ତ୍ରୁଟି ସଜଡା ଯାଉଛି, ସେଠାରେ ବିଦ୍ୟୁତ କାଟ ହେଉଛି। କେତେକ ସ୍ଥାନରେ ପୁରୁଣା କେବୁଲ ପରିବର୍ତ୍ତେ ନୂଆ କେବୁଲ ଲାଗୁଛି। ବିଦ୍ୟୁତ କାଟ ପାଇଁ ମାଇକ ଯୋଗେ ଉପଭୋକ୍ତାଙ୍କୁ ଅବଗତ କରାଯାଇଥାଏ। ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଗୋରୁ ଚୋରି ଅଭିଯୋଗରେ ଦୁଇ କୋର୍ଟଚାଲାଣ

ଚୌକି, ୧୬।୬(ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ପାଣିଷଣ୍ଡା ପଞ୍ଚାୟତ ଗଣେଶ୍ୱର ପୁର ଗ୍ରାମରେ ଗୋରୁ ଚୋରି ଘଟଣା ଭିନ୍ନ ମୋଡ଼ ନେଇଛି। ଗ୍ରାମ ବାସୀ ଏହି ଚୋରୀ ଘଟଣାରେ ସମ୍ପୃକ୍ତ ଥିବା ଚାରିଜଣ ଯୁବକଙ୍କୁ ଧରି ଗତ ଶୁକ୍ରବାର ପୁଲିସକୁ ହସ୍ତାନ୍ତର କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରି ଏହି ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଗତ ଶନିବାର କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। କିଛିଦିନ ପୂର୍ବରୁ ଏହି ଗ୍ରାମର ଲୋକେ ବିଲରେ ବାନ୍ଧି ଥିବା ଗାଈ ଗୋରୁକୁ କେହି ଚୋରି କରିନେଇ ଯାଇଥିଲା। ବହୁ ଖୋଜା ଖୋଜି ପରେ ଏହାର କିଛି ସନ୍ଧାନ ମିଳିପାରୁ ନଥିଲା। ଗତ ଶୁକ୍ରବାର ଦିନ ସାତ ଆଠ ଜଣ ଯୁବକ ଓ ମହିଳା ଦୁଇଟି ବାଇକ୍ ଓ ସାଇକେଲ ଜରିଆରେ ଆସି ପୁଣି ଆସି ବିଲରେ ଗୋରୁଗାଈ ଚରୁଥିବା ସମୟରେ ସେମାନଙ୍କ ବେକରେ ପଘା ପକାଇ ପଡ଼ୋଶୀ ପଶ୍ଚିମବଙ୍ଗର ନୁଡାଆଡି ଗାଁ ଆଡ଼କୁ ନେଉ ଥିବାର ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଖବର ପାଇ ସଂଗେ ସଂଗେ ଗ୍ରାମର କେତେକ ଯୁବକ ପଛରେ ଗୋଡେଇ ସମ୍ପୃକ୍ତ ଚୋର ମାନଙ୍କୁ କାବୁକରି ପୁଲିସକୁ ହସ୍ତାନ୍ତର କରିଥିଲେ। ଅଭିଯୋଗ ମୂଳେ ଭୋଗରାଇ ଥାନା ପୁଲିସ ଏନେଇ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କ ମଧ୍ୟରୁ ପଶ୍ଚିମବଙ୍ଗ ରାମନଗର ଥାନା ଅନ୍ତର୍ଗତ ସନ୍ତୋଷପୁର ଗ୍ରାମର ସେକ୍ ଇସରାଲୁଜୁଦିନ ଓ ନୁଣାଆଡ଼ି ଗ୍ରାମର ଜୟଦେବ ପାତ୍ରଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ଦୁଇ ମହିଳା ଅଭିଯୁକ୍ତ ଫରିଜା ବେବା ଓ ଚନ୍ଦା ବିବିଙ୍କୁ ପୁଲିସ ଛାଡିଦେଇଥିବାର ସୂଚନା ମିଳିଛି। ପୁଲିସ ହଜିଥିବା ଗୋରୁଗାଈ ପଶ୍ଚିମବଙ୍ଗ ଖାଣ୍ଡିଆଡି ଗ୍ରାମରେ ଥିବାର ଗୋରୁ ମାଲିକଙ୍କୁ ଖବର ଦେଇଥିଲେ। ଗୋରୁ ମାଲିକମାନେ ଯାଇ ସାତଟି ଗୋଈ ନେଇ ଆସିଥିବାର ସୂଚନା ମିଳିଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପୂର୍ବତନ ବିଧାୟକ ପ୍ରାର୍ଥୀ



ବସ୍ତା ବ୍ଲକ, ୧୬।୬ (ସମିସ): ରବିବାର ସକାଳେ ବସ୍ତା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ଶ୍ୟାମା ପ୍ରସାଦ ବେହେରା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଭେଟି ବସ୍ତା ବାଲିଆପାଳ ଜନସାଧାରଣଙ୍କ ତରଫରୁ ଶୁଭେଚ୍ଛା ଜଣାଇଥିଲେ। ବସ୍ତା ଅଞ୍ଚଳର ବହୁବିଧ ବିକାଶ, ଆଇନ ଶୃଙ୍ଖଳା ପରିସ୍ଥିତି, ବନ୍ୟା ଜଳର ସ୍ଥାୟୀ ପ୍ରତିକାର, ରେଳବାଇ ଭିତ୍ତିଭୂମି, କଲେଜ ପ୍ରତିଷ୍ଠା, ବନ୍ଦର ସମସ୍ୟା ପ୍ରଭୃତି ଉପରେ ଦୃଷ୍ଟି ଆକର୍ଷଣ କରି ସହଯୋଗ କାମନା କରିଥିଲେ। ଏହି ସାକ୍ଷାତ ଆଲୋଚନା ସମୟରେ ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଅଗ୍ରାଧିକାର ସହ ସମସ୍ତ ସମସ୍ୟାର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୂରଣ କରିବାକୁ ଚେଷ୍ଟା କରିବାର ପ୍ରତିଶ୍ରୁତି ଦେଇଥିଲେ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଜଳେଶ୍ୱର ବ୍ଲକ, ୧୬।୬ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଧାନଘେରା ମେଳା ପଡ଼ିଆ ନିକଟରେ ଜଣେ ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ବରଡିହା ପଞ୍ଚାୟତ ଭୋଳ ଗ୍ରାମର ଗୌରାଙ୍ଗ ମହାନ୍ତ ଶ୍ୟାମ ନଗର ଗ୍ରାମ ପଞ୍ଚାୟତର କାଳାଯୋଡ଼ି ଗ୍ରାମରେ ଥିବା ଶଶୁର ଘରେ ରହୁଥିଲେ। ଗତ ୧୪ ତାରିଖ ୪ ଟାରେ ଘରକୁ ଯାଉଛି କହି ଆସିଥିଲେ। ତେବେ ଗତ ୧୫ ତାରିଖ ସନ୍ଧ୍ୟା ସମୟରେ ଧାନଘେରା ମେଳା ପଡ଼ିଆ ନିକଟରେ ଜଣେ ଯୁବକ ପଡ଼ି ରହିଥିବା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ହାତିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ, ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ରାଇବଣିଆ ପୁଲିସ ପହଞ୍ଚି ଶବକୁ ଜବତ କରି ତଦନ୍ତ ଜାରି ରଖିଛି। ଗୌରାଙ୍ଗଙ୍କ ଦୁଇ ପୁଅ ଥିବା ଜଣା ପଡ଼ିଛି। ଆଜି ସକାଳେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି।

# ତିନିଦିନିଆ ରଜ ଉତ୍ସବ ଓ ଭଗବତୀ ପୂଜା



ଜଳେଶ୍ୱର ବ୍ଲକ, ୧୬।୬ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଗୋପୀମୋହନପୁର ଗ୍ରାମ ପଞ୍ଚାୟତର ଛମୌଜଠାରେ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଦୀନକୃଷ୍ଣ କ୍ଲବ ଆନୁକୂଲ୍ୟରେ ତଥା ଗ୍ରାମବାସୀଙ୍କ ଆର୍ଥିକ ସହାୟତାରେ ତିନିଦିନିଆ ରଜ ଉତ୍ସବ ଓ ମା' ଭଗବତୀ ପୂଜା ଅନୁଷ୍ଠିତ ହୋଇ ଯାଇଛି। ତିନି ଦିନ ରଜ ପର୍ବ ପାଳନ କରିବା ସହିତ ଶେଷ ଦିନ ଅର୍ଥାତ୍ ରବିବାର ମା' ଭଗବତୀଙ୍କ ପୂଜାର୍ଚ୍ଚନା କରା ଯାଇଥିଲା ଓ ଦିନରେ ମହା ଆନନ୍ଦରେ ପ୍ରସାଦ ସେବନ ହୋଇଥିଲା। ଏଥିରେ ଗ୍ରାମ ଓ ଗ୍ରାମ ବାହାର ଗ୍ରାମର ବହୁ ମା ମାଉସୀ, ଭାଇ ଭଉଣୀ, ଯୁବଗୋଷ୍ଠୀ ଓ ଛାତ୍ରଛାତ୍ରୀ ଉପଭୋଗ କରିଥିଲେ। ଉକ୍ତ ସମସ୍ତ କାର୍ଯ୍ୟକ୍ରମକୁ ବନବିହାରୀ ଦାସ ଅଧିକାରୀ, ଅନୁପ ପରିଡ଼ା, ରାଜ ଗୋପାଳ ଓଝା, ଲିପୁ ଜେନା, ଅକ୍ଷୟ କୁମାର ଜେନା, ପ୍ରଦୀପ କୁମାର ଜେନା, ନିର୍ମଳ ସାହୁ, ଦିଲ୍ଲୀପ କୁମାର ପରିଡ଼ା, ରଘୁନାଥ ବାରିକ, ବେନୁ ପରିଡ଼ା, ସୁଶାନ୍ତ ପରିଡ଼ା, ରାଧାକୃଷ୍ଣ ଦାସ ଓ ସୁରେଶ ଚନ୍ଦ୍ର ଜେନା ପ୍ରମୁଖ ଦୀନକୃଷ୍ଣ କ୍ଲବର କର୍ମକର୍ତ୍ତା ଓ ଗ୍ରାମବାସୀ ପରିଚାଳନା କରିଥିଲେ।

# ବସ୍ତିରେ ପିଲାଙ୍କ ସହ ରଜ ପାଳିଲେ ଶିକ୍ଷକ



ରାଜଘାଟ, ୧୬।୬ (ସମିସ) : ଓଡ଼ିଶାର ଗଣପର୍ବ ରଜକୁ ପୁରପଲ୍ଲୀରେ ଲୋକେ ଖୁବ ଧୁମ୍ ଧାମରେ ପାଳନ କରୁଛନ୍ତି। କୁଆଁରୀ ତଥା ବିବାହିତା ମାନେ ରଜଦୋଳିରେ ବସି ଭରପୁର ମଜା ନେଉଛନ୍ତି। ଏଣୁ ସମସ୍ତେ ନିଜ ଖୁସିରେ ମଜଗୁଲ ଥିବା ବେଳେ ଜଣେ ଶିକ୍ଷକ ନିଜର ହସଖୁସିକୁ ପାସୋରି ଦେଇ ଆଜିଭଳି ଦିନରେ ବସ୍ତିରେ ପହଞ୍ଚି ବସ୍ତି ପିଲାଙ୍କୁ ସାହାଯ୍ୟର ହାତ ବଢ଼ାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। କେବଳ ସେତିକି ନୁହେଁ, ଖେଳକୁ ଆଧାର କରି ପିଲାଙ୍କୁ ଉପହାର ସହିତ ମିଠା, ସ୍ୱତନ୍ତ୍ର ପୋଡାପିଠା ତତସହିତ ବିଭିନ୍ନ ନୃତ୍ୟ, ଗୀତ ଓ ଅନ୍ୟାନ୍ୟ ପ୍ରତିଯୋଗିତା ମାଧ୍ୟମରେ ପିଲାଙ୍କ ମନରେ ଖୁସି ଭରିଦେଇଛନ୍ତି। ସେ ହେଉଛନ୍ତି ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ଥେଙ୍ଗଡିହା ଗ୍ରାମର ଆଦର୍ଶ ଶିକ୍ଷକ ତଥା ବର୍ଣ୍ଣୋବୋଧ ଶିକ୍ଷକ ଭାବେ ପରିଚିତ ଗଣେଶ ଚନ୍ଦ୍ର ଜେନା। ଗଣେଶ ଦୁଃଖୀ ଓ ଦରିଦ୍ର ପିଲାଙ୍କ ପାଇଁ ଅକୁଣ୍ଠିତ ମନରେ ସାହାଯ୍ୟର ହାତ ବଢ଼ାଇବା ପାଇଁ ସର୍ବଦା ଆଗଭର ଥାଆନ୍ତି। ଯେମିତି କି ଛୋଟ ଛୋଟ ପିଲାଙ୍କର ଉଚ୍ଚାରଣ ଓ ବ୍ୟାକରଣ ଜନିତ ସମସ୍ୟା ପାଇଁ ଗାଁରେ ଏକ ବର୍ଣ୍ଣବୋଧ ପାଠଶାଳାଟିଏ ଖୋଲି ପିଲାଙ୍କୁ ବର୍ଣ୍ଣବୋଧ ଶିଖାଇଥାନ୍ତି। ସେହିଭଳି ଜଣେ ଶଯ୍ୟାଶାୟୀ ଛାତ୍ରୀଙ୍କ ଆରୋଗ୍ୟ ଲାଗି ଅର୍ଥ ଯୋଗାଡ଼ କରିବାକୁ ସାଧାରଣରେ ଭିକ୍ଷା ମାଗି ଉପାର୍ଜିତ ରାଶି ସହ ନିଜେ କିଛି ଆର୍ଥିକ ସହାୟତା ରାଶି ଉକ୍ତ ପରିବାରକୁ ପ୍ରଦାନ କରି ବେଶ୍ ପ୍ରଶଂସନୀୟ ହୋଇପାରିଥିଲେ। ସେହିଭଳି ସାହାଯ୍ୟ ଓ ସହାନୁଭୂତି ମନୋଭାବ ରଖି ଗଣେଶ ଚଳିତ ରଜରେ ବସ୍ତିରେ ପହଞ୍ଚି ବସ୍ତି ପିଲାଙ୍କ ସହ ରଜଦୋଳି ଖେଳିଥିଲେ। ସେମାନଙ୍କ ମଧ୍ୟରେ ଉତ୍ସାହ ଭରିଦେବା ପାଇଁ ବିଭିନ୍ନ ନୃତ୍ୟ, ଗୀତ ଓ ଅନ୍ୟାନ୍ୟ ପ୍ରତିଯୋଗିତା କରି କୃତି ପ୍ରତିଯୋଗୀଙ୍କୁ ଉପହାର ଦେବା ସହିତ ମିଠା, ସ୍ୱତନ୍ତ୍ର ପୋଡାପିଠା ଖୁଆଇ ପିଲାଙ୍କ ଠାରୁ ବେଶ୍ ଖୁସି ସାଉଁଟିଛନ୍ତି। ଗଣେଶଙ୍କର ଏଭଳି ପ୍ରୟାସକୁ ସବୁ ମହଲରୁ ପ୍ରଶଂଶା କରାଯାଇଛି।

# ସାଢେ ୩ ଫୁଟର ଚନ୍ଦନାବୋଡ଼ା ଉଦ୍ଧାର

ରାଜଘାଟ, ୧୬।୬ (ସମିସ) : ରୂପସା ଥାନା ଅଧୀନସ୍ଥ ଆଙ୍କୋ ପଞ୍ଚାୟତ ଅନ୍ତର୍ଗତ ଆଘିରିଆ ଗ୍ରାମର ନକୁଳ ବେହେରାଙ୍କ ଶୋଇବା ଘରୁ ସାଢେ ୩ ଫୁଟ ଲମ୍ବର ଚନ୍ଦନାବୋଡ଼ା ସାପ ଉଦ୍ଧାର ହୋଇଛି। ଶନିବାର ସନ୍ଧ୍ୟାରେ ଘଡ଼ଘଡ଼ି, ପବନ ସାଙ୍ଗକୁ ବର୍ଷା ଲାଗି ରହିଥିଲା। ଭୋର ସମୟରେ ପାଗରେ ଉଷ୍ମତା ପରିବର୍ତ୍ତେ ଥଣ୍ଡା ଲାଗିବାରୁ ସାଢେ ୩ ଫୁଟ ଲମ୍ବର ଚନ୍ଦନାବୋଡ଼ା ସାପଟିଏ ନକୁଳଙ୍କ ଶୋଇବା ଘରକୁ ପଶି ଆସିଥିଲା। ଘରେ ଥିବା ବିଲେଇ ସାପଟିର ଗତିବିଧିକୁ ଲକ୍ଷ୍ୟକରି ଶବ୍ଦ ବାରିବାରୁ ପରିବାର ଲୋକେ ଉଠିପଡ଼ିଥିଲେ। ପରେ ଟର୍ଚ୍ଚ ଜଳାଇବା ଫଳରେ ସାପଟିକୁ ଦେଖିବାକୁ ପାଇଥିଲେ। ସକାଳେ ନକୁଳ ସ୍ନେକ ହେଲ୍ପ ଲାଇନକୁ ଖବର ଦେଇଥିଲେ। ଖବର ପାଇ ସ୍ନେକ ହେଲ୍ପ ଲାଇନର ସଦସ୍ୟ ସୁବ୍ରତ କୁମାର ପ୍ରଧାନ ପହଞ୍ଚି ଏକ ମୂଷା ଗାତ ଭିତରୁ ସାପଟିକୁ ଉଦ୍ଧାର କରି ସ୍ଥାନୀୟ କେଶୁରା ପ୍ରାକୃତିକ ଆବାସସ୍ଥଳୀରେ ନେଇ ଛାଡ଼ି ଦେଇଥିବାର ଜଣାଯାଇଛି।

# ନନ୍ଦୁରରେ କବି ସମ୍ମିଳନୀ ଓ ସାହିତ୍ୟ ଆସର




ଖଇରା, ୧୬।୬ (ସମିସ): ଶେଷ ରଜରେ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ନନ୍ଦୁର ଗ୍ରାମରେ ଶିଶୁ କବି ଲମ୍ବୋଦର ନନ୍ଦଙ୍କ ଆବାହକତ୍ୱରେ କବି ସମ୍ମିଳନୀ ଓ ସାହିତ୍ୟ ଆସର ଅନୁଷ୍ଠିତ ହୋଇ ଯାଇଛି। ବରିଷ୍ଠ କବି ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କବିତା ପାଠୋତ୍ସବରେ ପ୍ରାବନ୍ଧିକ ଶରତ ଚନ୍ଦ୍ର ମହାନ୍ତି, ରବୀନ୍ଦ୍ର ବେହୁରିଆ ଓ ମହେଶ୍ୱର ପଣ୍ଡା ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ। ଡା. ଉମେଶ ଚନ୍ଦ୍ର ମହାନ୍ତି ଓ ବିକାଶ କୁମାର ଶତପଥି କବିତାର ସଂଯୋଜନା କରିଥିଲେ। କବି ପୁରୁଷୋତ୍ତମ ବିଶ୍ୱାଳ, ଦୈତାରୀ ମଲ୍ଲିକ, ଶ୍ରୀଧର ପତ୍ରୀ, ମହେଶ୍ୱର ପଟ୍ଟନାୟକ, ପ୍ରସନ୍ନ ମଉଗଜ, ସନ୍ଧ୍ୟାରାଣୀ ପଟ୍ଟନାୟକ, ସଙ୍କୀର୍ତ୍ତନ ପଣ୍ଡା, ଗଗନ ବିହାରୀ ପଣ୍ଡା, ଅର୍ଜୁନ ଚରଣ ମହାରଣା, ନିରଞ୍ଜନ ପ୍ରସାଦ ବାରିକ, ପଦ୍ମନାଭ ଶନିବିଗ୍ରହ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଶୁଭେନ୍ଦୁ କୁମାର ନନ୍ଦ, କଲ୍ୟାଣୀ ପଣ୍ଡା ଓ ନାରାୟଣ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

# ସନ୍ଦେହଜନକ ଗାଡ଼ି ଅଟକ ରଖିଲେ ଗ୍ରାମବାସୀ



ରାଇବଣିଆ, ୧୬।୬ (ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅନ୍ତର୍ଗତ ରାଇବଣିଆ ମୁଖ୍ୟ ରାସ୍ତା ଦେଇ ଏକ ମିନି କଣ୍ଟେନର ଯାଉଥିବା ସମୟରେ ଗାଡିରୁ ଦୁର୍ଗନ୍ଧ ବାହାରୁଥିବାରୁ ସ୍ଥାନୀୟ ଲୋକେ ଗାଡ଼ିଟିକୁ ପିଛା କରି ରାଇବଣିଆ ହେଲିପେଡ ପଡ଼ିଆ ନିକଟରେ ଅଟକାଇ ରାଇବଣିଆ ଥାନାକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ିଟିକୁ ଯାଞ୍ଚ କରିଥିଲା। ସେଥିରୁ ଗାଡ଼ି ଭର୍ତ୍ତି ପଚ୍ଛା କୁକୁଡା ଅନ୍ତ ବାହାରି ଥିଲା। ପୁଲିସ ଏ ବାବଦରେ ଡ୍ରାଇଭରକୁ ପଚରାଉଚାର କରିବାରୁ ଡ୍ରାଇଭର ପ୍ରକାଶ କରିଥିଲେ କି ଗାଡ଼ିରେ ଥିବା କୁକୁଡାର ପଚା ଅନ୍ତ ଝାଡଖଣ୍ଡର ରାଞ୍ଚି ଅଞ୍ଚଳରୁ ପଶ୍ଚିମବଙ୍ଗର ଦୀଘା ଅଞ୍ଚଳକୁ ମାଛ ଖାଦ୍ୟ ରୂପେ ଯାଉଥିଲା। ଗାଡ଼ି ଚାଳକ କହୁଥିଲେ କି ପ୍ରତି ଦୁଇ ଦିନରେ ଥରେ ଏହି ରାସ୍ତା ଦେଇ ଗାଡ଼ିଟି ଯାତାୟାତ କରିଥାଏ ଏହା ଜାଣିବା ପରେ ପୁଲିସ୍ ଗାଡ଼ିଟିକୁ ଛାଡିଥିଲା। ଗାଡ଼ିଟିକୁ ଖୋଲିବା ପରେ ଦୁର୍ଗନ୍ଧରେ ସାରା ଅଞ୍ଚଳ ଫାଟି ପଡ଼ିଥିଲା। ଏବଂ ସାଧାରଣରେ ଆଲୋଚନା ହେଉଛି କି ଗାଡ଼ିଟି କାହିଁକି ରାଞ୍ଚି ରୁ ମୁଖ୍ୟ ରାସ୍ତା ପରିବର୍ତ୍ତେ କ'ଣ ପାଇଁ ଗ୍ରାମାଞ୍ଚଳ ରାସ୍ତା ଦେଇ ଗାଡ଼ି ଯାତାୟାତ କରୁଛି। ଏହି ପରି ଅଧିକାଂଶ ସମୟରେ ଏହି ପରି ଭାବରେ ଅବାଧରେ ପଶ୍ଚିମବଙ୍ଗରୁ ଅନେକ ଗାଡ଼ି ସନ୍ଦେହଜନକ ଅବସ୍ଥାରେ ଯାତାୟାତ କରୁଛି।

# ସାନଖୁଡ଼ୀ ଶିବମୁନି ଯୋଗାଶ୍ରମରେ ମୁନି ସମାଜର ଜ୍ଞାନଯଜ୍ଞ

ରାଜଘାଟ, ୧୬।୬ (ସମିସ):

ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ଅନ୍ତର୍ଗତ ସାନଖୁଡ଼ୀ ଯୋଗମୁନି ଯୋଗାଶ୍ରମରେ ରବିବାର ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀଙ୍କ ସାନଖୁଡୀ ସ୍ଥିତ ବାସଭବନରେ ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଜିଲ୍ଲା ସମ୍ପାଦକ, ମୁନି ସମାଜର ଜ୍ୟୋତି ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀଙ୍କ ଅଧ୍ୟକ୍ଷତାରେ ମୁନି ସମାଜର ଏକ ଜ୍ଞାନଯଜ୍ଞ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆର୍ଯ୍ୟଜ୍ଞାନୀ ବରିଷ୍ଠ ଯୋଗୀ ନରେନ୍ଦ୍ର ମୁନି, ଯୋଗୀ ମନ୍ମଥ ମୁନି, ଯୋଗୀ ଭିକାରି ଚରଣ ମୁନି, ଯୋଗୀ ପରମାନନ୍ଦ ମୁନି, ଯୋଗୀ ଅନ୍ତର୍ଯ୍ୟାମୀ ମୁନି, ଯୋଗୀ ଜୟକୃଷ୍ଣ ମୁନି, ଯୋଗୀ ରମେଶ ଚନ୍ଦ୍ର ମୁନି, ଆତ୍ମଜ୍ଞାନୀ ଯୋଗ ଶିକ୍ଷୟିତ୍ରୀ କନକଲତା ଆଇଚ, କଳ୍ପନା ମିସ୍ତ୍ରୀ, ସୁବାସିନୀ ମହାନ୍ତି ପ୍ରମୁଖଙ୍କୁ ପୁଷ୍ପମାଲ୍ୟ ସହିତ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କଣ୍ଠଶିଳ୍ପୀ ମୁନିରାଜ୍ଞୀ ସଂଯୁକ୍ତା ମହାନ୍ତି ଆବାହନୀ ସଙ୍ଗୀତ, ଗୁରୁବନ୍ଦନା ଏବଂ ମୁନି ସଙ୍ଗୀତ ଗାନ କରିଥିଲେ। ସର୍ବ ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ ଆୟୁଷ୍ମାନ୍ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନି, ସହଧର୍ମିଣୀ ମୁନିରାଜ୍ଞୀ ସୁଜାତା ଭୂୟାଁ, ମୁନି କୁମାରୀ ସ୍ୱର୍ଣ୍ଣ ପ୍ରଭା ଭୂୟାଁ ଏବଂ ମୁନି କୁମାର ସ୍ୱୟମ୍ ଭୂୟାଁ ପ୍ରମୁଖଙ୍କୁ ଉପସ୍ଥିତିରେ ସମସ୍ତେ ଏକମନ, ଏକ ପ୍ରାଣ, ଏକ ବ୍ରହ୍ମ ଏବଂ ଏକ ଭାବନାରେ ଲୀନ ହୋଇ ସେମାନଙ୍କର ଆଦି ଭୌତିମ, ଆଦି ଦୈବିକ ଏବଂ ଆଧ୍ୟାତ୍ମିକ ତ୍ରୀତପରୁ ମୁକ୍ତି ସହିତ ନୀରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନର ସୁଖ ଶାନ୍ତି ଆନନ୍ଦର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା। ଆତ୍ମଜ୍ଞାନୀ ମୁନିରାଜ ଚନ୍ଦ୍ର ମୋହନ ମହାନ୍ତି, ପଞ୍ଚାନନ ମୁନି, ସଞ୍ଜୟ କୁମାର ମୁନି, ମୁନିରାଜ ଅମୂଲ୍ୟ କୁମାର ମୁନି, ମୁନି ରବୀନ୍ଦ୍ର କୁମାର, ସୃଷ୍ଟିଧର ସାହୁ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ବିଷ୍ଣୁ ମହାଲିକ, ରାମଚନ୍ଦ୍ର ବେହେରା, ଖଗେଶ୍ୱର, ପୂର୍ଣ୍ଣଚନ୍ଦ୍ର ଗିରି, ପ୍ରଭାତ କୁମାର ମହାନ୍ତି, ମୁନିମତୀ ଅନିତା ରାଉଳ, ବାସନ୍ତୀ ବେହେରା, ମାଳତୀ ଗିରି, ପ୍ରମିଳା ଜେନା, ରାଧାମଣୀ ଜେନା, ବୀଣାପାଣି ଆଇଚ, କନକଲତା ମହାନ୍ତି, ସ୍ନେହଲତା ବାରିକ, ଜାନକୀ ବେହେରା, ମୁନି କୁମାରୀ ଦିପ୍ତିକା ପରିଡ଼ା ଏବଂ ମୁନି କୁମାରୀ ସ୍ୱର୍ଣ୍ଣ ପ୍ରଭା ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।



